ନାଗରିକ ପାଠଶାଳା

epaper.napatube.in

NAGARIKA PATHASHALA

PRGI Regd. No. ORIORI/25/A1739

ଟିକସ ବୋଝ କମିବ କେବେ **ପୃଷ୍ଠା ୨**

ସ୍ୱରର ଯାଦୁଗର **ପୃଷ୍ଠା ୩**

ଅରଖ ନୁହେଁ ଅଦରକାରୀ **ପୃଷ୍ଠା ୪**

ନିବେଶ, ନିଲମ୍ବନ ଓ ନୂଆ ଦଳ **ପୃଷ୍ଠା ୫**

ଚିନ୍ତାରେ ପାକିସ୍ଥାନ, ତୁର୍କୀ ଓ କାନାଡା **ପୃଷ୍ଠା ୬**

ତଥ୍ୟ ଲୁଚାଉଛି ପୋଲିସ **ପୃଷ୍ଠା ୮**

ବର୍ଷ - ୧ | ସଂଖ୍ୟା - ୯ | ଫେବୃଆରୀ ୧ - ଫେବୃଆରୀ ୧୫, ୨୦୨୬ ଭଦ୍ରକ ପାକ୍ଷିକ ପୃଷ୍ଠା ସଂଖ୍ୟା - ୮ ମୂଲ୍ୟ - ୫.00 ଟଙ୍କା

VOL -1 | ISSUE - 9 | February 1 - February 15, 2026 BHADRAK Fortnightly No. of Pages - 8 Price - Rs. 5.00

ଟ୍ରାଏଲ୍ ଆଣ୍ଡ ଏରର୍ !

ପିୟୁସି ଲଜ୍ଜା ପେଟ୍ରୋଲ୍ ପମ୍ପରୁ ହାଇକୋର୍ଟ

ସରକାରଙ୍କ ଅପରିପକ୍ୱତା ଯଦି କୌଣସି ବିଭାଗରେ ସବୁଠାରୁ ଅଧିକ ଦେଖିବାକୁ ମିଳିଥିଲା, ତାହା ହେଉଛି ପରିବହନ ବିଭାଗ। ଗୋଟିଏ ନୁହେଁ, ଦୁଇ-ଦୁଇଟି ବଡ଼ ନିଷ୍ପତ୍ତି ନେଇ ସରକାରଙ୍କୁ ଲଜ୍ଜିତ ହେବାକୁ ପଡ଼ିଥିଲା।ପରିବହନ ବିଭାଗ ହଠାତ୍ ନିର୍ଦ୍ଦେଶନାମା ଜାରି କଲା ଯେ, ଯଦି ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବ, ତେବେ ପେଟ୍ରୋଲ ପମ୍ପରେ ତେଲ ମିଳିବ ନାହିଁ। ରାଜ୍ୟରେ ଲକ୍ଷ ଲକ୍ଷ ଗାଡ଼ି ଥିବାବେଳେ ପର୍ଯ୍ୟାପ୍ତ ସଂଖ୍ୟକ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ନାହିଁ। ଯେଉଁଠି ଅଛି, ସେଠାରେ ସର୍ଭର ଡାଉନ୍ ରହୁଛି। ପେଟ୍ରୋଲ ପମ୍ପ କର୍ମଚାରୀମାନେ ଗ୍ରାହକଙ୍କ ସହ ଯୁକ୍ତିତର୍କ କରିବାକୁ ମନା କଲେ। ଲୋକଙ୍କ ଅସନ୍ତୋଷ ବିସ୍ଫୋରକ ରୂପ ନେବାରୁ ସରକାର ମାତ୍ର କିଛି ଦିନ ମଧ୍ୟରେ ଏହି ନିଷ୍ପତ୍ତି ପ୍ରତ୍ୟାହାର **ପୃଷ୍ଠା -୭**

ଭଦ୍ରକରୁ
ସୁବ୍ରତ ପ୍ରଧାନ

ଗଣତନ୍ତ୍ରରେ ସରକାର ବଦଳିବା କେବଳ ଏକ ରାଜନୈତିକ ପ୍ରକ୍ରିୟା ନୁହେଁ, ବରଂ ଏହା ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାର ଏକ ନୂତନ ଅଧ୍ୟାୟ। ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀ ଦୀର୍ଘ ୨୪ ବର୍ଷର ନବୀନ ପଟ୍ଟନାୟକଙ୍କ ସରକାରକୁ ପରିବର୍ତ୍ତନ କରି ଭାରତୀୟ ଜନତା ପାର୍ଟି (ବିଜେପି) ହାତରେ ଶାସନ ଡୋରି ଧରାଇଥିଲେ। "ଡବଲ ଇଞ୍ଜିନ ସରକାର" ଏବଂ "ମୋଦୀଙ୍କ ଗ୍ୟାରେଣ୍ଟି"ର ନାରା ରାଜ୍ୟରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲା। କିନ୍ତୁ ସରକାର ଗଠନର ମାତ୍ର କିଛି ମାସ ମଧ୍ୟରେ, ରାଜ୍ୟ ପ୍ରଶାସନରେ ଏକ ଅସ୍ୱାଭାବିକ ଧାରା ଦେଖିବାକୁ ମିଳିଛି। ଯାହାକୁ ରାଜନୈତିକ ପଣ୍ଡିତମାନେ "ରୋଲ ବ୍ୟାକ" ବା "ନିଷ୍ପତ୍ତି ନେଇ ପଛଘୁଞ୍ଚା ଦେବା"ର ନୀତି ବୋଲି ଅଭିହିତ କରୁଛନ୍ତି।ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ଏବଂ ବାସ୍ତବରେ କାର୍ଯ୍ୟକାରୀ ହେଉଥିବା ଯୋଜନା ମଧ୍ୟରେ ଥିବା ବିରାଟ ତାରତମ୍ୟ ଏବେ ସରକାରଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୁଭଦ୍ରା ଯୋଜନା ଠାରୁ ଆରମ୍ଭ କରି ଧାନର ଏମଏସପି, ଟ୍ରାଫିକ ନିୟମ, ସଚିବାଳୟରେ ସାମ୍ବାଦିକଙ୍କ ପ୍ରବେଶ କଟକଣା ଏବଂ ନାମ ପରିବର୍ତ୍ତନ ଭଳି ଅନେକ ପ୍ରସଙ୍ଗରେ ସରକାରଙ୍କୁ ବାରମ୍ବାର ନିଜ ନିଷ୍ପତ୍ତି ବଦଳାଇବାକୁ ପଡ଼ିଛି।

ବିଧାୟକ ବେତନ ବୃଦ୍ଧି ୟୁ-ଟର୍ଣ୍ଣ

ବିଧାନସଭା ସର୍ବସମ୍ମତିରେ ବିଧାୟକ ବେତନ ୧.୧୧ ଲକ୍ଷରୁ ୩.୪୫ ଲକ୍ଷ ମାସିକ କୁ ତିନିଗୁଣ (୨୧୧% ବୃଦ୍ଧି) କରିଥିଲା - ଓଡ଼ିଶା ବିଧାୟକମାନଙ୍କୁ ଭାରତର ସର୍ବାଧିକ ବେତନ ପ୍ରାପ୍ତ କରାଇଲା। ଜନତାଙ୍କ ବିରୋଧ ପରେ, ବିଜେପି ବିଧାୟକମାନେ ପୁନର୍ବିଚାର ପାଇଁ ଆବେଦନ ଦାଖଲ କଲେ।କଂଗ୍ରେସ PCC ସଭାପତି ଭକ୍ତ ଚରଣ ଦାସ କହିଥିଲେ, "ଓଡ଼ିଶାର ବିଜେପି ସରକାର ଶାସନକୁ ପରିହାସରେ ପରିଣତ କରିଛନ୍ତି। ପ୍ରଥମେ ମୋହନ ମାଝୀ ସରକାର ବିଧାୟକଙ୍କ ବେତନ ବୃଦ୍ଧି ପାଇଁ ବିଲ୍ ଆଣିଲେ ଏବଂ ବର୍ତ୍ତମାନ ବ୍ୟାପକ ଜନବିରୋଧ ପରେ ବିଜେପି ବିଧାୟକମାନେ ନାଟକୀୟ ଭାବେ ସେମାନେ ନିଜେ ପ୍ରସ୍ତାବିତ ବୃଦ୍ଧି ପୁନର୍ବିଚାର ପାଇଁ ସ୍ମାରକପତ୍ର ଦାଖଲ କରୁଛନ୍ତି।"

ସ୍ୱାବଲମ୍ବୀ ନା ଭତ୍ତା !

ବିଜେପିର ନିର୍ବାଚନୀ ଇସ୍ତାହାରର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଥିଲା 'ସୁଭଦ୍ରା ଯୋଜନା'। ପ୍ରଚାର ସମୟରେ ଖୋଦ୍ ପ୍ରଧାନମନ୍ତ୍ରୀ ଏବଂ ବରିଷ୍ଠ ନେତାମାନେ ଘୋଷଣା କରିଥିଲେ ଯେ, ପ୍ରତ୍ୟେକ ମହିଳାଙ୍କୁ ୫0,000 ଟଙ୍କାର 'କ୍ୟାଶ୍ ଭାଉଚର' ମିଳିବ। ଏହି ଶବ୍ଦଟି **ପୃଷ୍ଠା -୭**

:ଏମ୍ ଏସ୍ ପି: 'ବଡ଼ ଚାଷୀ' ଓ କଟନି-ଛଟନୀ

ଓଡ଼ିଶା କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଚାଷୀଙ୍କ ଭୋଟ୍ ନିର୍ଣ୍ଣାୟକ ହୋଇଥାଏ । ବିଜେପି ଘୋଷଣା କରିଥିଲା ଯେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକ୍ୱିଣ୍ଟାଲ ପିଛା ୩୧00 ଟଙ୍କା ଦିଆଯିବ। ଏହା ଏକ ବୈପ୍ଲବିକ ଘୋଷଣା ଥିଲା।ଧାନ କିଣା ଋତୁ ଆରମ୍ଭ ହେବା ପୂର୍ବରୁ ରାଜ୍ୟ **ପୃଷ୍ଠା -୭**

ଚିଟ୍ ଫଣ୍ଡ ଟଙ୍କା ଫେରସ୍ତ କେବେ ?

ଗୃହମନ୍ତ୍ରୀ ଅମିତ ଶାହ ପ୍ରାୟ ୭0 ଲକ୍ଷ ଚିଟ ଫଣ୍ଡ ପୀଡ଼ିତଙ୍କ ୪,୬00 କୋଟି ଟଙ୍କା ୧୮ ମାସ ମଧ୍ୟରେ ଫେରସ୍ତ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୧୧ ମାସ ପରେ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସ୍ୱୀକାର କଲେ ଯେ ସରକାର "ଦଲିଲ ଖୋଜି ପାରୁନାହାଁନ୍ତି" ଏବଂ ବିଜେଡିକୁ ଦାୟୀ କଲେ । କେବଳ ୪୭.0୭ କୋଟି ଟଙ୍କା ୧.୨୬ ଲକ୍ଷ ଜମାକାରୀଙ୍କୁ ଫେରସ୍ତ ହୋଇଛି।

:ରତ୍ନଭଣ୍ଡାର: ଖୋଲିଲା ସତ, ଗଣତି କାହିଁ?

ଜଗନ୍ନାଥ ସଂସ୍କୃତି ଓ ରତ୍ନଭଣ୍ଡାର ପ୍ରସଙ୍ଗ ବିଜେପିର ଏକ ପ୍ରମୁଖ ନିର୍ବାଚନୀ ମୁଦ୍ଦା ଥିଲା। ସରକାର ଗଠନ ପରେ ପ୍ରତିଶ୍ରୁତି ମୁତାବକ ରତ୍ନଭଣ୍ଡାର ଖୋଲାଗଲା, ଯାହାକୁ ସାଧାରଣ ଲୋକେ ସ୍ୱାଗତ କଲେ।କିନ୍ତୁ ରତ୍ନଭଣ୍ଡାର ଖୋଲିବା ପରେ ଏହାର ତାଲିକା ପ୍ରସ୍ତୁତି ଏବଂ **ପୃଷ୍ଠା -୭**

ମଦ: ରାଜସ୍ୱ ବନାମ ସଂସ୍କୃତି

ନିର୍ବାଚନ ସମୟରେ ବିଜେପି ନେତାମାନେ ଓଡ଼ିଶାରେ ମଦର ବନ୍ୟାକୁ ନେଇ ତୀବ୍ର ସମାଲୋଚନା କରିଥିଲେ ଏବଂ ମଦ ମୁକ୍ତ ଓଡ଼ିଶାର ସ୍ୱପ୍ନ ଦେଖାଇଥିଲେ। ଯଦିଓ ଇସ୍ତାହାରରେ ନ ଥିଲା । ସରକାର ଗଠନ ପରେ ଯେତେବେଳେ ନୂଆ ଅବକାରୀ **ପୃଷ୍ଠା -୭**

ରଙ୍ଗ ବିବାଦ

ବିଦ୍ୟାଳୟ ଗଣଶିକ୍ଷା ବିଭାଗ ମଧ୍ୟ ବିବାଦରୁ ବାଦ୍ ପଡ଼ିନଥିଲା। ସରକାର ପରିବର୍ତ୍ତନ ସହ ସ୍କୁଲ ୟୁନିଫର୍ମ ଏବଂ ସିଲାବସ୍ ପରିବର୍ତ୍ତନର ଚର୍ଚ୍ଚା ଜୋର ଧରିଥିଲା।ସ୍କୁଲ ପିଲାଙ୍କ ପୋଷାକର ରଙ୍ଗ ବଦଳାଇ 'ଗେରୁଆ' କିମ୍ବା ମାଟିଆ ରଙ୍ଗ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଖବର **ପୃଷ୍ଠା -୭**

ଟ୍ୟାକ୍ସ ବ୍ୟବସ୍ଥା: ଦୁବାଇ ବନାମ ଭାରତ

ସାମ୍ପ୍ରତିକ ସମୟରେ ଭାରତରୁ ହଜାର ହଜାର 'ଉଚ୍ଚ ସମ୍ପତ୍ତିଶାଳୀ ବ୍ୟକ୍ତି' (High Net-worth Individuals - HNIs) ଏବଂ ଦକ୍ଷ ପେଶାଦାରମାନେ ଦୁବାଇ ମୁହାଁ ହେଉଛନ୍ତି । ଏହା କେବଳ ବୁର୍ଜ ଖଲିଫାର ଚାକଚକ୍ୟ ପାଇଁ ନୁହେଁ, ବରଂ ଏହା ପଛରେ ରହିଛି ଏକ କଠୋର ଅର୍ଥନୈତିକ ବାସ୍ତବତା— "ଟିକସ ବ୍ୟବସ୍ଥା" । ଗୋଟିଏ ପଟେ ଦୁବାଇର 'ଶୂନ୍ୟ ଆୟକର' (Zero Income Tax) ନୀତି ଏବଂ ଅନ୍ୟପଟେ ଭାରତର ଜଟିଳ ତଥା ଉଚ୍ଚ ଟିକସ ହାରା ଏହି ପରିପ୍ରେକ୍ଷୀରେ ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଭାରତୀୟ ଟିକସ ବ୍ୟବସ୍ଥା କ'ଣ ସତରେ ମଧ୍ୟବିତ୍ତ ଶ୍ରେଣୀକୁ "ଦଣ୍ଡିତ" କରୁଛି?

ସମ୍ପତ୍ତି ସୃଷ୍ଟିର ସ୍ୱର୍ଗ (Wealth Creation Haven) ଦୁବାଇର ଅର୍ଥନୀତି ଏକ ସରଳ ସିଦ୍ଧାନ୍ତ ଉପରେ ଆଧାରିତ— "ତୁମେ ଯାହା ରୋଜଗାର କରୁଛ, ତାହା ତୁମର ।" ସେଠାରେ ବ୍ୟକ୍ତିଗତ ଆୟକର (Personal Income Tax) ନାହିଁ । କର୍ପୋରେଟ୍ ଟିକସ ମାତ୍ର ୯% (ଯାହା ନିକଟରେ ଲାଗୁ ହୋଇଛି) । ଭ୍ୟାଟ୍ (VAT) ମାତ୍ର ୫% । ଏହା ଲୋକଙ୍କ କ୍ରୟ ଶକ୍ତି (Purchasing Power) ବଢ଼ାଏ ଏବଂ ସଞ୍ଚୟକୁ ଉତ୍ସାହିତ କରେ । ଦୁବାଇ ସରକାର ଟିକସ ବଦଳରେ ତୈଳ, ପର୍ଯ୍ୟଟନ ଏବଂ ବାଣିଜ୍ୟିକ ଶୁଳ୍କରୁ ରାଜସ୍ୱ ଆଦାୟ କରନ୍ତି । ଭାରତରେ ମଧ୍ୟବିତ୍ତ ଶ୍ରେଣୀ, ବିଶେଷକରି ବେତନଭୋଗୀ କର୍ମଚାରୀ (Salaried Class), ଅର୍ଥନୀତିର ସବୁଠାରୁ ନିଷ୍ପେଷିତ ବର୍ଗ । ଜଣେ ବ୍ୟକ୍ତି ନିଜ ଆୟର ୩୦% ପର୍ଯ୍ୟନ୍ତ ଆୟକର ଦେଉଛନ୍ତି । ଆୟକର ଦେବା ପରେ ବଳକା ଟଙ୍କାରେ ଯେତେବେଳେ ସେ କିଛି



କିଣିବାକୁ ଯାଉଛନ୍ତି, ସେଠାରେ ୧୮% କିମ୍ବା ୨୮% GST ଦେଉଛନ୍ତି । ଏହାକୁ ଅର୍ଥନୀତିଜ୍ଞମାନେ "Double Taxation" ବୋଲି କୁହନ୍ତି। ତୁମେ ରୋଜଗାର କଲାବେଳେ ଟିକସ ଦିଅ, ଏବଂ ଖର୍ଚ୍ଚ କଲାବେଳେ ମଧ୍ୟ ଟିକସ ଦିଅ । (The Concept of ROI) ଟିକସ ଦେବାରେ କୌଣସି ଅସୁବିଧା ନାହିଁ, ଯଦି ବଦଳରେ ସରକାର ଉତ୍ତମ ସେବା ଯୋଗାନ୍ତି । ନରୱେ କିମ୍ବା ସ୍ୱିଡେନରେ ଟିକସ ହାର ୪୦-୫୦%, କିନ୍ତୁ ସେଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ମାଗଣା ଏବଂ ଉନ୍ନତମାନର । ସରକାରଙ୍କୁ ଟିକସ ଦେବେ, ପିଲାଙ୍କ ଭଲ ପାଠପଢ଼ା ପାଇଁ ଘରୋଇ ସ୍କୁଲକୁ ଫି' ଦେବେ (କାରଣ ସରକାରୀ ସ୍କୁଲର ମାନ ନାହିଁ)।
ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲକୁ ଯିବେ (କାରଣ ସରକାରୀ ଚିକିତ୍ସା ଅପର୍ଯ୍ୟାପ୍ତ)। ରାସ୍ତାରେ ଗାଡ଼ି ଚଳାଇବା ପାଇଁ 'ରୋଡ୍ ଟ୍ୟାକ୍ସ' ଓ 'ଟୋଲ୍' ଦେବେ, ତଥାପି ଖାଲଖମା ରାସ୍ତାରେ ଯିବେ । ଏହାକୁ ହିଁ "Fiscal Punishment" ବା ଆର୍ଥିକ ଦଣ୍ଡ କୁହାଯାଏ। ମଧ୍ୟବିତ୍ତ ଶ୍ରେଣୀ ଏଠାରେ ଗରିବଙ୍କ ପାଇଁ 'ସବସିଡି' ଏବଂ ଧନୀଙ୍କ ପାଇଁ 'ଋଣ ଛାଡ଼'ର ବୋଝ ନିଜ କାନ୍ଧରେ ବୋହୁଛି । ଭାରତର ୧୪୦ କୋଟି ଜନସଂଖ୍ୟାରେ ମାତ୍ର ୨-୩% ଲୋକ ଆୟକର ଦିଅନ୍ତି । କୃଷି ଆୟ ଟିକସମୁକ୍ତ, ଏବଂ ଅସଙ୍ଗଠିତ କ୍ଷେତ୍ରର ବଡ଼ ଅଂଶ ଟିକସ ପରିସର ବାହାରେ । ଫଳରେ, ସରକାର ବାରମ୍ବାର ସେହି ମୁଷ୍ଟିମେୟ ବେତନଭୋଗୀଙ୍କ ଉପରେ ଚାପ ପକାନ୍ତି, କାରଣ ସେମାନଙ୍କ ଆୟ ଲୁଚାଇବାର ବାଟ ନାହିଁ (TDS କାଟିବା ଯୋଗୁଁ) । ଦୁବାଇ ଏକ ଛୋଟ ଦେଶ ଏବଂ ତୈଳ ସମ୍ପଦରେ ଭରପୂର, ତେଣୁ ଭାରତକୁ ସମ୍ପୂର୍ଣ୍ଣ ରୂପେ ଦୁବାଇ ସହ ତୁଳନା କରାଯାଇପାରିବ ନାହିଁ । ଭାରତର ବିଶାଳ ଜନସଂଖ୍ୟାକୁ ସମ୍ଭାଳିବା ପାଇଁ ଟିକସ ଜରୁରୀ । କିନ୍ତୁ, ଯେପର୍ଯ୍ୟନ୍ତ ଭାରତ ସରକାର ଟିକସଦାତାଙ୍କୁ ଉପଯୁକ୍ତ 'Return on Investment' (ROI) ବା ସାମାଜିକ ସୁରକ୍ଷା ପ୍ରଦାନ ନ କରିଛନ୍ତି, ସେପର୍ଯ୍ୟନ୍ତ ଏହା ମଧ୍ୟବିତ୍ତଙ୍କ ପାଇଁ 'ଦେଶ ଗଠନରେ ଯୋଗଦାନ' କମ୍ ଏବଂ 'ଶୋଷଣ' ଅଧିକ ମନେହେବ । ଯଦି ଏହି ବ୍ୟବସ୍ଥାରେ ସୁଧାର ନ ଆସେ, ତେବେ "ମେଧା ପଳାୟନ" (Brain Drain) ରୋକିବା ଆଗକୁ ଅସମ୍ଭବ ହୋଇପାରେ ।

ଟିକସ ବୋଝ କମିବ କେବେ

'ବ୍ଲାକ୍ ମନି' କେବଳ ସରକାରଙ୍କ ପାଇଁ କ୍ଷତିକାରକ ନୁହେଁ, ବରଂ ଏହା ଜଣେ ସଚ୍ଚୋଟ ଟିକସଦାତା ପାଇଁ ସବୁଠାରୁ ବଡ଼ 'ଅଦୃଶ୍ୟ ଶତ୍ରୁ' । ଅର୍ଥନୀତିରେ ଏହାକୁ "ସମାନ୍ତରାଳ ଅର୍ଥନୀତି" କୁହାଯାଏ । ଏହାକୁ ବୁଝିବା ପାଇଁ ଏକ ସରଳ ଉଦାହରଣ ନେବା । ମନେକରନ୍ତୁ ୧୦ ଜଣ ବନ୍ଧୁ ଏକାଠି ଖାଇବାକୁ ଗଲେ । ବିଲ୍ ଆସିଲା ୧୦୦୦ ଟଙ୍କା । ନିୟମ ଅନୁସାରେ ସମସ୍ତେ ୧୦୦ ଟଙ୍କା ଲେଖାଏଁ ଦେବା କଥା । କିନ୍ତୁ ଯଦି ୮ ଜଣ ବନ୍ଧୁ (ବ୍ଲାକ୍ ମନି ରଖିଥିବା ଲୋକ) ଟଙ୍କା ନଦେଇ ଖସି ପଳାନ୍ତି, ତେବେ ବାକି ଥିବା ୨ ଜଣ (ସଚ୍ଚୋଟ ଟିକସଦାତା)ଙ୍କୁ ପୁରା ୧୦୦୦ ଟଙ୍କା ଦେବାକୁ ପଡ଼ିବ । ସେହି ୨ ଜଣଙ୍କ ଭାଗରେ ୧୦୦ ଟଙ୍କା ବଦଳରେ ୫୦୦ ଟଙ୍କା ପଡ଼ିଲା । ଭାରତରେ ଠିକ୍ ଏୟା ଘଟୁଛି। ବହୁ ସଂଖ୍ୟକ ଲୋକ ଆୟ ଲୁଚାଉଥିବାରୁ, ସରକାର ରାଜସ୍ୱ ପାଇଁ ମୁଷ୍ଟିମେୟ ବେତନଭୋଗୀଙ୍କ ଉପରେ ୩୦% ପର୍ଯ୍ୟନ୍ତ ଟିକସ ଲଦି ଦେଉଛନ୍ତି । ବ୍ଲାକ୍ ମନିର ସବୁଠାରୁ ବଡ଼ ପ୍ରଭାବ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ଦେଖିବାକୁ ମିଳେ । ଯେଉଁମାନଙ୍କ ପାଖରେ ଅମାପ କଳା ଟଙ୍କା ଅଛି, ସେମାନେ ବଜାର ଦରଠାରୁ ଅଧିକ ଟଙ୍କା ଦେଇ ଜମି କିମ୍ବା ଘର କିଣି ନିଅନ୍ତି । ଏହାଦ୍ୱାରା ବଜାରରେ ଜମିର ଦାମ୍ କୃତ୍ରିମ ଭାବେ ବଢ଼ିଯାଏ । ଜଣେ ମଧ୍ୟବିତ୍ତ କର୍ମଚାରୀ, ଯିଏ ବ୍ୟାଙ୍କରୁ ଋଣ ନେଇ ଘର କିଣିବାକୁ ଚାହୁଁଛନ୍ତି, ତାଙ୍କ ପାଇଁ ଘର କିଣିବା ଅସମ୍ଭବ ହୋଇପଡ଼େ । କାରଣ ଦାମ୍ ଆକାଶଛୁଆଁ ହୋଇସାରିଥାଏ । ଯଦି ଭାରତର ସବୁ ଲୋକ (ଯୋଗ୍ୟତା ଥାଇ ମଧ୍ୟ ଟିକସ ଫାଙ୍କୁଥିବା ବ୍ୟକ୍ତି) ସଚ୍ଚୋଟ ଭାବେ ଟିକସ ଦିଅନ୍ତେ, ତେବେ ଭାରତର 'ଟିକସ-ଜିଡିପି ଅନୁପାତ' ବଢ଼ିଯାଆନ୍ତା।

ଅର୍ଥନୀତିଜ୍ଞଙ୍କ ମତରେ, ଯଦି କଳା ଟଙ୍କା ଉପରେ ରୋକ୍ ଲଗାଯାଇପାରନ୍ତା, ତେବେ ବ୍ୟକ୍ତିଗତ ଆୟକର ହାର ୩୦% ରୁ କମି ୧୫-୨୦% କୁ ଖସି ଆସନ୍ତା । କିନ୍ତୁ ଏହା ହେଉନଥିବାରୁ, ସରକାର ବେତନଭୋଗୀଙ୍କ ଉପରୁ ଟିକସ କମାଉ ନାହାନ୍ତି । ବ୍ଲାକ୍ ମନି ରଖିଥିବା ଲୋକେ ଟିକସ ଦିଅନ୍ତି ନାହିଁ, କିନ୍ତୁ ସରକାରୀ ରାସ୍ତା, ପାର୍କ, ଏବଂ ପୋଲିସ ସୁରକ୍ଷା ସମାନ ଭାବେ ବ୍ୟବହାର କରନ୍ତି । ସେମାନେ 'ମାଗଣା'ରେ ସୁବିଧା ନେଉଛନ୍ତି, ଯାହାର ଖର୍ଚ୍ଚ ଟିକସଦାତା ବହନ କରୁଛନ୍ତି । ସରଳ ଭାଷାରେ କହିଲେ, "ବ୍ଲାକ୍ ମନି ହେଉଛି ସଚ୍ଚୋଟ ଲୋକଙ୍କ ପରିଶ୍ରମ ଉପରେ ଏକ ଜରିମାନା ।" ଯେପର୍ଯ୍ୟନ୍ତ ଦେଶରୁ କଳା ଟଙ୍କାର କାରବାର ବନ୍ଦ ନ ହୋଇଛି, ସେପର୍ଯ୍ୟନ୍ତ ମଧ୍ୟବିତ୍ତ ଶ୍ରେଣୀ ଉପରେ ଟିକସର ବୋଝ କମିବା କଷ୍ଟକର ।

ମାଗଣା ଉପହାର, ଦାସତ୍ୱର କାରଣ

ସଂସଦରେ ଉପସ୍ଥାପିତ 'ଅର୍ଥନୈତିକ ସର୍ଭେ' (ECONOMIC SURVEY 2025-26) କେବଳ ଦେଶର ବିକାଶର ଚିତ୍ର ଦେଖାଇନାହିଁ, ବରଂ ଏକ ଗମ୍ଭୀର ସତ୍ୟ ଉପରୁ ପରଦା ହଟାଇଛି । ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (CEA) ସ୍ପଷ୍ଟ ଶବ୍ଦରେ ଚେତାବନୀ ଦେଇଛନ୍ତି ଯେ, ରାଜ୍ୟଗୁଡ଼ିକର ଅନିୟନ୍ତ୍ରିତ 'ମାଗଣା ପ୍ରତିଶ୍ରୁତି' ବା FREEBIES CULTURE ଭାରତର ସାମଗ୍ରିକ ଅର୍ଥନୀତି ପାଇଁ ଏକ 'ଟାଇମ୍ ବମ୍' (TIME BOMB) ସଦୃଶ ହୋଇଛି । ଏହି ସର୍ଭେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି, "ଆମେ ଭୋଟ୍ କିଣୁଛୁ ନା ଭବିଷ୍ୟତ ଗଢ଼ୁଛୁ?" ଅର୍ଥନୀତିର ଭାଷାରେ 'ଜନକଲ୍ୟାଣ' ଏବଂ 'ମାଗଣା ଉପହାର' ମଧ୍ୟରେ ଏକ ସୂକ୍ଷ୍ମ ପାର୍ଥକ୍ୟ ରହିଛି । ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନରେ ବ୍ୟୟ କରିବା ଦେଶ ପାଇଁ ନିବେଶ (INVESTMENT), କାରଣ ଏହା ମାନବ ସମ୍ବଳ ବିକାଶ କରେ । ମାଗଣା ବିଜୁଳି, ମାଗଣା ଟିଭି, କିମ୍ବା ବିନା କାରଣରେ ନଗଦ ଟଙ୍କା ବାଣ୍ଟିବା ଏକ ଉପଭୋଗ ମାତ୍ର । ସର୍ଭେ ଅନୁସାରେ, ରାଜ୍ୟଗୁଡ଼ିକ ଆୟର ଏକ ବଡ଼ ଅଂଶ ଏହି 'ନନ୍-ମେରିଟ୍' ଯୋଜନାରେ ଖର୍ଚ୍ଚ କରୁଛନ୍ତି, ଯାହା ଦୀର୍ଘମିଆଦୀ ବିକାଶ ପାଇଁ ଘାତକ । ସର୍ଭେର ତଥ୍ୟ ଅନୁଯାୟୀ, କେତେକ ରାଜ୍ୟର ଋଣ ଭାର ସେମାନଙ୍କ GSDP (ରାଜ୍ୟର ମୋଟ ଘରୋଇ ଉତ୍ପାଦ)ର ୪୦% ରୁ ୫୦% ଅତିକ୍ରମ କରିସାରିଛି । ଯେତେବେଳେ ସରକାର ଟଙ୍କା ଧାର କରି ଘିଅ ପିଇବା (ମାଗଣା ବାଣ୍ଟିବା) ଆରମ୍ଭ କରନ୍ତି, ସେତେବେଳେ 'CAPEX' (CAPITAL EXPENDITURE) ବା ପୁଞ୍ଜିଗତ ବ୍ୟୟ କମିଯାଏ । ଅର୍ଥାତ୍, ଯେଉଁ ଟଙ୍କାରେ ନୂଆ ସଡ଼କ, ବ୍ରିଜ୍, ସ୍କୁଲ କିମ୍ବା ଡାକ୍ତରଖାନା ତିଆରି ହେବା କଥା, ସେହି ଟଙ୍କା ମାଗଣା ବିଜୁଳି ବିଲ୍ ପୈଠ କରିବାରେ ଖର୍ଚ୍ଚ ହୋଇଯାଉଛି । ଏହା ଭବିଷ୍ୟତ ପିଢ଼ି ପାଇଁ ଋଣର ପାହାଡ଼ ଛାଡ଼ି ଯାଉଛି । ମାଗଣା ବିଜୁଳି ରାଜନୀତି ଯୋଗୁଁ ଦେଶର ଶକ୍ତି ବିତରଣ କମ୍ପାନୀ (DISCOMS) ଗୁଡ଼ିକର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି । ସର୍ଭେ ଚେତାବନୀ ଦେଇଛି ଯେ, ଯଦି ଉପଭୋକ୍ତା ବିଜୁଳି ପାଇଁ ମୂଲ୍ୟ ନ ଦିଅନ୍ତି, ତେବେ ବିଜୁଳି ଉତ୍ପାଦନ ଏବଂ ଭିତ୍ତିଭୂମି ରକ୍ଷଣାବେକ୍ଷଣ ଅସମ୍ଭବ ହୋଇପଡ଼ିବ । ଏହାର ପରିଣାମ— ଭବିଷ୍ୟତରେ ଘନ ଘନ ବିଦ୍ୟୁତ୍ କାଟ ଏବଂ ଶିଳ୍ପ ବିକାଶରେ ବାଧା । ଅର୍ଥନୀତିର ନିୟମ କହେ, "THERE IS NO SUCH THING AS A FREE LUNCH" (କୌଣସି ଜିନିଷ ପ୍ରକୃତରେ ମାଗଣା ନୁହେଁ) । ଯେତେବେଳେ ସରକାର ମାଗଣା ଟଙ୍କା ବାଣ୍ଟନ୍ତି, ବଜାରରେ ମୁଦ୍ରାର ପ୍ରବାହ (MONEY SUPPLY) ବଢ଼ିଯାଏ, କିନ୍ତୁ ଉତ୍ପାଦନ ବଢ଼େ ନାହିଁ । ଏହା ସିଧାସଳଖ ମୁଦ୍ରାସ୍ଫୀତି (INFLATION) ବା ଦରଦାମ୍ ବୃଦ୍ଧିର କାରଣ ସାଜେ। ଶେଷରେ ସେହି ଗରିବ ଲୋକମାନେ ହିଁ ଅଧିକ ଦାମ୍ ଦେଇ ଜିନିଷ କିଣନ୍ତି, ଯାହାଙ୍କୁ ସରକାର ମାଗଣା ସହାୟତା ଦେଇଥିଲେ । ଅର୍ଥନୈତିକ ସର୍ଭେ ୨୦୨୬ ଏକ 'ମାର୍ଗଦର୍ଶିକା' ନୁହେଁ, ବରଂ ଏକ 'ସତର୍କ ଘଣ୍ଟି' । ଭାରତକୁ ଯଦି ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବାକୁ ହେବ, ତେବେ ଆମକୁ 'ରେବଡ଼ି ସଂସ୍କୃତି' (REVDI CULTURE) ରୁ ବାହାରି 'ସଶକ୍ତୀକରଣ' (EMPOWERMENT) ଆଡ଼କୁ ଯିବାକୁ ପଡ଼ିବ । ଲୋକଙ୍କୁ ମାଗଣା ମାଛ ନ ଦେଇ, ମାଛ ଧରିବା ଶିଖାଇବା ହିଁ ପ୍ରକୃତ ଅର୍ଥନୀତି । ନଚେତ୍ ଆଜିର ମାଗଣା ଉପହାର, କାଲିର ଅର୍ଥନୈତିକ ଦାସତ୍ୱର କାରଣ ସାଜିବ ।

ଅର୍ଥନୈତିକ ସର୍ଭେ ୨୦୨୫-୨୬

ବିଶ୍ୱ ଅସ୍ଥିରତା ମଧ୍ୟରେ ଭାରତର ସ୍ଥିରତା

କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ 'ଅର୍ଥନୈତିକ ସର୍ଭେ ୨୦୨୫-୨୬' (ECONOMIC SURVEY) ଉପସ୍ଥାପନ କରିଛନ୍ତି। ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (CEA) ଙ୍କ ନେତୃତ୍ୱରେ ପ୍ରସ୍ତୁତ ଏହି ଦଲିଲ୍ କେବଳ ଗତ ବର୍ଷର ହିସାବ ନୁହେଁ, ବରଂ ଏହା ଆଗାମୀ ବଜେଟ୍ ପାଇଁ ଏକ ଦିଗବାରେଣି ଯନ୍ତ୍ର (COMPASS) ।ଏଥରର ସର୍ଭେର ମୁଖ୍ୟ ବିଷୟବସ୍ତୁ ହେଉଛି "RESILIENCE AMIDSTGLOBALVOLATILITY"(ବିଶ୍ୱଅସ୍ଥିରତାମଧ୍ୟରେଭାରତରସ୍ଥିରତା)। ସର୍ଭେ ଅନୁସାରେ ଆଗାମୀ ଆର୍ଥିକ ବର୍ଷ (୨୦୨୬-୨୭) ପାଇଁ ଭାରତର ଅଭିବୃଦ୍ଧି ହାର ୬.୫% ରୁ ୭% ମଧ୍ୟରେ ରହିବାର ଆକଳନ କରାଯାଇଛି। ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକ (ୟୁରୋପ ଓ ଆମେରିକା) ଯେତେବେଳେ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି, ଭାରତର ଏହି ଅଭିବୃଦ୍ଧି ଦର୍ଶାଉଛି ଯେ ଆମର ଘରୋଇ ଚାହିଦା (DOMESTIC DEMAND) ଅର୍ଥନୀତିକୁ ବଞ୍ଚାଇ ରଖିଛି। ଗତ ଦୁଇ ବର୍ଷ ଧରି ମୁଦ୍ରାସ୍ଫୀତି ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ସର୍ଭେ ଦର୍ଶାଇଛି ଯେ, RBI ର କଡ଼ା ମୁଦ୍ରାନୀତି ଏବଂ ସରକାରଙ୍କ ଯୋଗାଣ ଶୃଙ୍ଖଳା (SUPPLY CHAIN) ପରିଚାଳନା ଯୋଗୁଁ ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆସିଛି। ଖାଦ୍ୟ ମୁଦ୍ରାସ୍ଫୀତି (FOOD INFLATION) ଏବେ ମଧ୍ୟ ଏକ ଚିନ୍ତାର ବିଷୟ, କାରଣ ଜଳବାୟୁ ପରିବର୍ତ୍ତନ କୃଷି ଉତ୍ପାଦନକୁ ପ୍ରଭାବିତ କରୁଛି।

ସର୍ଭେରେ ପ୍ରଥମ ଥର ପାଇଁ GENERATIVE AI ର ପ୍ରଭାବ ବିଷୟରେ ଗୁରୁତ୍ୱାରୋପ କରାଯାଇଛି। ଭାରତରେ 'JOBLESS GROWTH' (ନିଯୁକ୍ତିହୀନ ବିକାଶ) ର ଭୟ ରହିଛି। ସେବା କ୍ଷେତ୍ର (SERVICE SECTOR) ରେ AI ଯୋଗୁଁ ନିଯୁକ୍ତି କମିବାର ଆଶଙ୍କା ରହିଛି । ସର୍ଭେ ପରାମର୍ଶ ଦେଇଛି ଯେ, ଭାରତକୁ ଏବେ 'MANUFACTURING' (ଉତ୍ପାଦନ) ଉପରେ ଫୋକସ୍ କରିବାକୁ ପଡ଼ିବ, କାରଣ ଏହା ଅଧିକ ନିଯୁକ୍ତି ସୃଷ୍ଟି କରିପାରିବ। PLI ସ୍କିମ୍ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ଗତ ୫ ବର୍ଷ ଧରି ସରକାର ନିଜେ ରାସ୍ତା, ରେଳ ଏବଂ ଭିତ୍ତିଭୂମିରେ ବିପୁଳ ପୁଞ୍ଜିନିବେଶ (CAPEX) କରୁଥିଲେ।

ସର୍ଭେ କହିଛି ଯେ ଏବେ ଘରୋଇ କ୍ଷେତ୍ର (PRIVATE SECTOR) କୁ ଆଗକୁ ଆସି ନିବେଶ କରିବାକୁ ପଡ଼ିବ। ସରକାର ଆଉ ଅଧିକ ଋଣ କରି ଖର୍ଚ୍ଚ କରିବା ସ୍ଥିତିରେ ନାହାନ୍ତି, କାରଣ ରାଜକୋଷୀୟ ନିଅଣ୍ଟ (FISCAL DEFICIT) କୁ କମାଇବା ଜରୁରୀ । ସର୍ଭେ ଚେତାବନୀ ଦେଇଛି ଯେ କୃଷି କ୍ଷେତ୍ରରେ କେବଳ MSP ବୃଦ୍ଧି ସମାଧାନ ନୁହେଁ। ଫସଲ ବିବିଧିକରଣ (CROP DIVERSIFICATION) ଏବଂ କୃଷି-ପ୍ରକ୍ରିୟାକରଣ (AGRO-PROCESSING) ଶିଳ୍ପର ବିକାଶ ବି ଜରୁରୀ । । କ୍ଷୁଦ୍ର ଚାଷୀଙ୍କ ଆୟ ବଢ଼ାଇବା ପାଇଁ 'ଟେକ୍ନୋଲୋଜି'ର ବ୍ୟବହାର ଉପରେ ସର୍ଭେ ଗୁରୁତ୍ୱ ଦେଇଛି। ବହିର୍ବାଣିଜ୍ୟ କ୍ଷେତ୍ର (EXTERNAL SECTOR) ସର୍ଭିସେସ୍ ରପ୍ତାନି (ଯଥା- IT, BUSINESS CONSULTING) ବୃଦ୍ଧି ପାଇଛି, ଯାହା ବାଣିଜ୍ୟ ନିଅଣ୍ଟ (TRADE DEFICIT) ଭରଣା କରିବାରେ ସାହାଯ୍ୟ କରୁଛି। କିନ୍ତୁ, ଲୋହିତ ସାଗର (RED SEA) ସଙ୍କଟ ଭଳି ଭୂ-ରାଜନୈତିକ (GEO_POLITICAL) କାରଣରୁ ରପ୍ତାନି ଖର୍ଚ୍ଚ ବଢୁଥିବା ନେଇ ସର୍ଭେ ଚିନ୍ତା ପ୍ରକଟ କରିଛି । ଅର୍ଥନୈତିକ ସର୍ଭେ ୨୦୨୬ ସ୍ପଷ୍ଟ କରିଦେଇଛି ଯେ ଭାରତ 'ଅମୃତକାଳ'ରେ ପ୍ରବେଶ କରିଛି ସତ, କିନ୍ତୁ ଆଗକୁ ରାସ୍ତା ସହଜ ନୁହେଁ। ମାକ୍ରୋ ଫଣ୍ଡାମେଣ୍ଟାଲ୍ ସୁଦୃଢ଼ ଅଛି, କିନ୍ତୁ ମାଇକ୍ରୋ ଲେଭଲରେ (ନିଯୁକ୍ତି ଓ ଗ୍ରାମୀଣ ଆୟ) ସଂସ୍କାର ଆବଶ୍ୟକ।"

ସମ୍ବଲପୁରୀ ମାଟିର ସ୍ପନ୍ଦନ:

ସ୍ୱରର ଯାଦୁଗର ଅଭିଜିତ ମଜୁମଦାର

ଓଡ଼ିଶାର ଗାଁ ଗଣ୍ଡାଠାରୁ ଆରମ୍ଭ କରି ସହରର ବଡ଼ ବଡ଼ ମଞ୍ଚ ପର୍ଯ୍ୟନ୍ତ, ଯାହାଙ୍କ ଗୀତ ବାଜିଲେ ଦର୍ଶକଙ୍କ ପାଦ ଆପେ ଆପେ ଥିରିକି ଉଠେ, ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ସମ୍ବଲପୁରୀ ତଥା ଓଡ଼ିଆ ସଙ୍ଗୀତ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ– ଅଭିଜିତ ମଜୁମଦାର। ତାଙ୍କୁ କେବଳ ଜଣେ ଗାୟକ କହିଲେ ଭୁଲ ହେବ, ସେ ହେଉଛନ୍ତି ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଏକ 'ଏନର୍ଜି' ବା ଉତ୍ସାହର ପ୍ରତୀକ। ଆସନ୍ତୁ ଜାଣିବା ଏହି ସୁରର ଯାଦୁଗରଙ୍କ ସଂଘର୍ଷ ଏବଂ ସଫଳତାର ଏକ ଅକୁହା କାହାଣୀ।

ଆରମ୍ଭର କାହାଣୀ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ସମ୍ବଲପୁରର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ଅଭିଜିତଙ୍କ ରକ୍ତରେ ଥିଲା ସଙ୍ଗୀତ। ସମ୍ବଲପୁରୀ ମାଟିର ବାସ୍ନା ଏବଂ ସେଠାକାର ଲୋକକଳା ତାଙ୍କୁ ପିଲାଦିନରୁ ପ୍ରଭାବିତ କରିଥିଲା। କିନ୍ତୁ ସଫଳତାର ରାସ୍ତା ତାଙ୍କ ପାଇଁ କେବେବି ସୁଗମ ନଥିଲା। ଯେଉଁ ସମୟରେ ଓଡ଼ିଶାରେ କେବଳ ପାରମ୍ପରିକ ଭଜନ କିମ୍ବା ଶାସ୍ତ୍ରୀୟ ସଙ୍ଗୀତର ବୋଲବାଲା ଥିଲା, ସେହି ସମୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା କାଠିକର ପାଠ ଥିଲା।

ସଙ୍ଗୀତରେ ନୂତନ ବିପ୍ଳବ ଅଭିଜିତ ମଜୁମଦାରଙ୍କ ସବୁଠାରୁ ବଡ଼ ଅବଦାନ ହେଲା ସମ୍ବଲପୁରୀ ଲୋକଗୀତକୁ ଆଧୁନିକତାର ରଙ୍ଗ ଦେବା। ନବେ ଦଶକର ଶେଷ ଭାଗରେ ଏବଂ ଏକବିଂଶ ଶତାବ୍ଦୀର ଆରମ୍ଭରେ ସେ ଯେତେବେଳେ ସମ୍ବଲପୁରୀ ଆଲବମ୍ ଜଗତରେ ପାଦ ଦେଲେ, ସେତେବେଳେ ସଙ୍ଗୀତର ଧାରା ବଦଳିଗଲା। ତାଙ୍କ କଣ୍ଠରେ ଥିଲା ଏକ ନିଆରା ଯାଦୁ, ଯାହା ଶ୍ରୋତାଙ୍କୁ ବାନ୍ଧି ରଖୁଥିଲା। ତାଙ୍କର ଗୀତ ଗୁଡ଼ିକରେ ପାରମ୍ପରିକ ଢୋଲ ଓ ନିଶାନର ତାଳ ସହିତ ଆଧୁନିକ ବାଦ୍ୟଯନ୍ତ୍ରର ଏକ ଅଦ୍ଭୁତ ମିଶ୍ରଣ ଦେଖିବାକୁ ମିଳିଲା।

"ଧନ ମୋର ଡେଙ୍ଗା ବାଉଁଶ ବୁଦା...", "ହାଇରେ ମୋର ମଟର ଗାଡି...", କିମ୍ବା "ଝିଅ ନୁହେଁ ତୁ ଅପ୍ସରୀ..." ଭଳି ଅନେକ ହିଟ୍ ଗୀତ ତାଙ୍କୁ ରାତାରାତି ତାରକା ବନାଇ ଦେଇଥିଲା। ଭସାଣି ଶୋଭାଯାତ୍ରା ହେଉ କି ବିବାହ ଉତ୍ସବ,ଅଭିଜିତଙ୍କ ଗୀତ ବିନା ଯେମିତି ସବୁକିଛି ଅଧୁରା ଲାଗେ।

ଓଲିଉଡରେ ପାଦ ଥାପିବା କେବଳ ସମ୍ବଲପୁରୀ ଆଲବମ୍ ନୁହେଁ, ଓଡ଼ିଆ ଚଳଚ୍ଚିତ୍ର ଜଗତ (Ollywood)ରେ ମଧ୍ୟ ସେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଜଣେ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ସେ ଅନେକ ସୁପରହିଟ୍ ସିନେମା ଭେଟି ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶିତ ଗୀତଗୁଡ଼ିକରେ କମେଡି, ରୋମାନ୍ସ ଏବଂ ଇମୋସନର ଏକ ସୁନ୍ଦର ସମାହାର ଦେଖିବାକୁ ମିଳେ। ସେ ପ୍ରମାଣ କରିଦେଲେ ଯେ ଜଣେ କଳାକାର ଯଦି ଚାହିଁବେ, ତେବେ ସୀମିତ ସମ୍ବଳରେ ମଧ୍ୟ ବିଶ୍ୱସ୍ତରୀୟ ସଙ୍ଗୀତ ସୃଷ୍ଟି କରିପାରିବେ। ସମାଲୋଚନା ଓ ସଫଳତା ଅନେକ ସମୟରେ ତାଙ୍କ ଗୀତର ଶବ୍ଦ ଚୟନ ଏବଂ ଆଧୁନିକୀକରଣକୁ ନେଇ ସମାଲୋଚନା ମଧ୍ୟ ହୋଇଛି ।

କିଛି ଲୋକ କହିଲେ ଯେ ସେ ଲୋକସଂସ୍କୃତିକୁ ବିକୃତ କରୁଛନ୍ତି। କିନ୍ତୁ ଅଭିଜିତ ସର୍ବଦା ବିଶ୍ୱାସ କରନ୍ତି ଯେ, ସମୟ ସହିତ ପରିବର୍ତ୍ତନ ଜରୁରୀ। ଯୁବପିଢ଼ିଙ୍କ ରୁଚିକୁ ବୁଝି ସେ ସଙ୍ଗୀତ ପରିବେଷଣ କଲେ, ଯାହା ଫଳରେ ଆଜି ସମ୍ବଲପୁରୀ ଗୀତ କେବଳ ଓଡ଼ିଶା ନୁହେଁ ବରଂ ରାଜ୍ୟ ବାହାରେ ମଧ୍ୟ ଆଦୃତ ହୋଇପାରିଛି।

ବ୍ୟକ୍ତିତ୍ୱ ଅଭିଜିତ ମଜୁମଦାରଙ୍କ ବ୍ୟକ୍ତିତ୍ୱ ଅତ୍ୟନ୍ତ ଆକର୍ଷଣୀୟ। ମଞ୍ଚ ଉପରେ ସେ ଯେତିକି ଚଞ୍ଚଳ, ବାସ୍ତବ ଜୀବନରେ ସେତିକି ସରଳ। ନିଜର ହସମୁଖା ସ୍ୱଭାବ ଏବଂ ଦର୍ଶକଙ୍କ ସହ ସିଧାସଳଖ ଯୋଡ଼ି ହେବାର କଳା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ। ସେ କେବେବି ନିଜର ମାତୃଭୂମି ସମ୍ବଲପୁରକୁ ଭୁଲି ନାହାନ୍ତି ଏବଂ ନିଜ ସଙ୍ଗୀତ ମାଧ୍ୟମରେ ସେ ପଶ୍ଚିମ ଓଡ଼ିଶାର ଭାଷା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚେଷ୍ଟା ଜାରି ରଖିଛନ୍ତି।

ଉପସଂହାର ଆଜିର ଦିନରେ ଅଭିଜିତ ମଜୁମଦାର କେବଳ ଜଣେ ଗାୟକ ନୁହନ୍ତି, ସେ ଏକ ଅନୁଷ୍ଠାନ। ଦୀର୍ଘ ଦଶନ୍ଧି ଧରି ସେ ଓଡ଼ିଶାବାସୀଙ୍କୁ ନିଜ ସୁରରେ ମତୁଆଲା କରି ରଖିଛନ୍ତି। ତାଙ୍କର ଯାତ୍ରା ଆମକୁ ଶିଖାଏ ଯେ, ଯଦି ତୁମ ପାଖରେ ପ୍ରତିଭା ଅଛି ଏବଂ ତୁମେ ନିଜ କାମକୁ ଭଲପାଉଛ, ତେବେ ଦୁନିଆର କୌଣସି ଶକ୍ତି ତୁମକୁ ଅଟକାଇ ପାରିବ ନାହିଁ।

ଭବିଷ୍ୟତରେ ମଧ୍ୟ ତାଙ୍କ କଣ୍ଠର ଯାଦୁ ଏମିତି ଅବ୍ୟାହତ ରହୁ ଏବଂ ସେ ଓଡ଼ିଆ ସଙ୍ଗୀତକୁ ନୂତନ ଉଚ୍ଚତାକୁ ନେଇଯାଆନ୍ତୁ, ଏହା ହିଁ ସବୁ ଓଡ଼ିଆଙ୍କ କାମନା।

ଅରଖ ନୁହେଁ ଅଦରକାରୀ, ଏହା ମହୌଷଧି

ରାସ୍ତା କଡ଼ରେ କିମ୍ବା ପଡିଆ ଜମିରେ ଅନାବନା ହୋଇ ବଢୁଥିବା 'ଅରଖ' (Aak/Calotropis) ଗଛକୁ ଆମେ ପ୍ରାୟତଃ ଅଣଦେଖା କରିଥାଉ। କିନ୍ତୁ ଆୟୁର୍ବେଦ ଶାସ୍ତ୍ରରେ ଏହି ଉଦ୍ଭିଦକୁ ଏକ ମହୌଷଧି ବୋଲି ବିବେଚନା କରାଯାଏ । ଅରଖ ଗଛ ବିଷାକ୍ତ ହୋଇଥିଲେ ମଧ ସଠିକ୍ ବ୍ୟବହାର ଦ୍ୱାରା ଏହା ମାଇଗ୍ରେନ୍, ଆଣ୍ଠୁଗଣ୍ଠି ବାତ ଏବଂ ଶ୍ୱାସ ଭଳି ରୋଗର ନିରାକରଣ କରିପାରେ । ଅରଖର ଔଷଧୀୟ ଗୁଣ ଜାଣିବା ପୂର୍ବରୁ ଏହାର ବିଷାକ୍ତ ଗୁଣ ବିଷୟରେ ଜାଣିବା ନିହାତି ଜରୁରୀ । ବୈଦ୍ୟଙ୍କ ଅନୁଯାୟୀ, ଅରଖ ଗଛର କ୍ଷୀର ଯଦି ଭୁଲବଶତଃ ଆଖିରେ ପଡିଯାଏ, ତେବେ ଆଖି ନଷ୍ଟ ହେବାର ସମ୍ଭାବନା ଥାଏ । ଯଦି କେବେ ଏପରି ଦୁର୍ଘଟଣା ଘଟେ, ତେବେ ତୁରନ୍ତ ବାଜରା ଦାନାକୁ ପାଟିରେ ଚୋବାଇ, ତାହାର ରସକୁ କପଡ଼ାରେ ଛାଣି ଆଖିରେ ପକାଇଲେ ଉପଶମ ମିଳିଥାଏ ଏବଂ ଡାକ୍ତରଙ୍କ ପାଖକୁ ଯିବା ପର୍ଯ୍ୟନ୍ତ ଆଖି ସୁରକ୍ଷିତ ରହିଥାଏ ।

ଅଧକପାଳି (Migraine) ପାଇଁ ରାମବାଣ ଯେଉଁମାନେ ବର୍ଷ ବର୍ଷ ଧରି ମାଇଗ୍ରେନ୍ ବା ଅଧକପାଳି ଯନ୍ତ୍ରଣାରେ କଷ୍ଟ ପାଉଛନ୍ତି, ସେମାନଙ୍କ ପାଇଁ ଅରଖ ଏକ ବରଦାନ ସଦୃଶ । ସୂର୍ଯ୍ୟୋଦୟ ପୂର୍ବରୁ ଅରଖ ଗଛର ଗୋଟିଏ ପତ୍ର ଛିଣ୍ଡାଇ ସେଥିରୁ ବାହାରୁଥିବା କ୍ଷୀରର ମାତ୍ର ଗୋଟିଏ ବୁନ୍ଦା ବତାସା କିମ୍ବା ଗୁଡ଼ ଭିତରେ ରଖି ଗିଳି ଦେବାକୁ ହେ ବା ଧ୍ୟାନ ରଖିବେ ଯେପରି ଏହା ଦାନ୍ତରେ ନ ଲାଗେ । ଏହା କ୍ରମାଗତ ଭାବେ ୩ ରୁ ୭ ଦିନ ପର୍ଯ୍ୟନ୍ତ କରାଯାଇପାରେ। ଔଷଧ ଖାଇବାର ଏକ ଘଣ୍ଟା ପରେ ଘିଅ ଓ ମିଠା ଜାତୀୟ ଖାଦ୍ୟ (ଯେପରିକି ହାଲୁଆ ବା ଜିଲାପି) ଖାଇବା ଆବଶ୍ୟକ। ଯଦି ୩ ଦିନରେ ଉପଶମ ନ ମିଳେ, ତେବେ ବୁଝିବାକୁ ହେବ ଯେ ମୁଣ୍ଡବିନ୍ଧାର ଅନ୍ୟ କୌଣସି କାରଣ ଅଛି ।

ଅର୍ଶ ରୋଗରେ ଉପକାରୀ ମାଇଗ୍ରେନ୍ ଭଳି ଅର୍ଶ ବା ପାଇଲ୍ସ ରୋଗୀମାନେ ମଧ ସମାନ ପଦ୍ଧତିରେ (ବତାସାରେ ଏକ ବୁନ୍ଦା ଅରଖ କ୍ଷୀର) ସେବନ କରିପାରିବେ । ଡାକ୍ତରୀ ପରାମର୍ଶ ନେଇ ଏହାକୁ ୨୧ ଦିନ ପର୍ଯ୍ୟନ୍ତ ସେବନ କରାଯାଇପାରେ । ଆଣ୍ଠୁ ଗଣ୍ଠି ବାତରୁ ମୁକ୍ତି ବୟସ୍କ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ଆଣ୍ଠୁ ଗଣ୍ଠି ବାତ ପାଇଁ ଅରଖ ପତ୍ର ଖୁବ୍ ଲାଭଦାୟକ । ଅରଖ ପତ୍ରରେ ସୋରିଷ ତେଲ ଲଗାଇ ତାୱାରେ ଗରମ କରନ୍ତୁ । ଏହି ଉଷୁମ ପତ୍ରକୁ ଯନ୍ତ୍ରଣା ହେଉଥିବା ସ୍ଥାନରେ (ଯେପରିକି ଆଣ୍ଠୁ) ରଖି କପଡ଼ାରେ ବାନ୍ଧି ଦିଅନ୍ତୁ । ଦିନକୁ ୨-୩ ଘଣ୍ଟା ଏପରି କଲେ ୫-୭ ଦିନ ମଧରେ ଯନ୍ତ୍ରଣା ଓ ଫୁଲା କମିଯାଏ ।

ଚର୍ମ ରୋଗ ଓ କାଶ ପାଇଁ ଔଷଧ



ଚର୍ମ ରୋଗ: ଅରଖ ପତ୍ର କିମ୍ବା ଚେରକୁ ଶୁଖାଇ ଗୁଣ୍ଡ କରି ନିମ୍ବ ତେଲ କିମ୍ବା ସୋରିଷ ତେଲରେ ମିଶାଇ ଲଗାଇଲେ ଦାଦୁ ଓ କୁଣ୍ଡିଆ ଭଲ ହୁଏ।
କାଶ: ଅରଖ ଫୁଲର ପାଖୁଡା କାଢି ମଝି ଅଂଶକୁ ଶୁଖାଇ ଗୁଣ୍ଡ କରନ୍ତୁ। ସେଥିରେ ସମପରିମାଣର ଗୋଲମରିଚ ଓ ପିପ୍ପଳୀ ଗୁଣ୍ଡ ମିଶାଇ ଗୁଡ଼ ସାହାଯ୍ୟରେ ଛୋଟ ଛୋଟ ବଟିକା (ଚଣା ଆକାରର) ପ୍ରସ୍ତୁତ କରନ୍ତୁ। ଦିନକୁ ୨ଟି ଲେଖାଏଁ ବଟିକା ଖାଇଲେ ଶୁଖିଲା କାଶ ଓ କଫରୁ ମୁକ୍ତି ମିଳେ। ଶ୍ୱାସ ରୋଗୀଙ୍କ ପାଇଁ ସଞ୍ଜିବନୀ ଅରଖ ଚେରର ଛାଲିର ଚୂର୍ଣ୍ଣ (ଖୁବ୍ କମ୍ ମାତ୍ରାରେ - ୬୦ ରୁ ୧୨୦ ମିଲିଗ୍ରାମ) ଶ୍ୱାସ ରୋଗୀଙ୍କ ପାଇଁ ଲାଭଦାୟକ। ଏଥିରେ ଥିବା ପ୍ରାକୃତିକ ଷ୍ଟେରଏଡ୍ ଶ୍ୱାସନଳୀକୁ ପ୍ରଶସ୍ତ କରିବାରେ ସାହାଯ୍ୟ କରେ। କିନ୍ତୁ ଏହା କେବଳ ବିଶେଷଜ୍ଞଙ୍କ ପରାମର୍ଶରେ ନେବା ଉଚିତ୍।

ପେଟ ଗ୍ୟାସ୍ ସମସ୍ୟା ମାଟି ହାଣ୍ଡିରେ ଅରଖ ପତ୍ର ଏବଂ ସୈନ୍ଧବ ଲବଣକୁ ସ୍ତର ସ୍ତର କରି ରଖି ନିଆଁରେ ପୋଡି ଭସ୍ମ ପ୍ରସ୍ତୁତ କରାଯାଏ। ଏହି ଭସ୍ମକୁ ଅଧା ଚାମଚ ଉଷୁମ ପାଣିରେ ଖାଇଲେ ଗ୍ୟାସ୍ ଓ ବଦହଜମି ଦୂର ହୁଏ। (ଉଚ୍ଚ ରକ୍ତଚାପ ରୋଗୀ ଏହାକୁ ବ୍ୟବହାର କରିବେ ନାହିଁ)।

ଅରଖ ଏକ ବିଷାକ୍ତ ଉଦ୍ଭିଦ। ତେଣୁ ଏହାର ଆଭ୍ୟନ୍ତରୀଣ ପ୍ରୟୋଗ (ଖାଇବା) ପୂର୍ବରୁ କୌଣସି ଆୟୁର୍ବେଦିକ ଚିକିତ୍ସକ ବା ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।

ମନର ଗୁଲାମ ନୁହେଁ, ମାଲିକ ହୁଅନ୍ତୁ

"ଯିଏ ନିଜ ମନକୁ ଜିତିଗଲା, ସେ ସାରା ସଂସାର ଜିତିଗଲା ।" – ଗୌତମ ବୁଦ୍ଧଙ୍କ ଏହି ବାଣୀ ଆଜିର ଅସ୍ଥିର ଜୀବନଶୈଳୀରେ ସବୁଠାରୁ ଅଧିକ ପ୍ରାସଙ୍ଗିକ । ଆମର ସବୁଠାରୁ ବଡ଼ ଲଢ଼େଇ ବାହାର ଦୁନିଆ ସହିତ ନୁହେଁ, ବରଂ ନିଜ ଭିତରେ ଥିବା ସେହି ଚଞ୍ଚଳ ମନ ସହିତ, ଯିଏ ଆମକୁ ଅନେକ ସମୟରେ ନିଜର ଗୁଲାମ କରି ରଖିଥାଏ ।

କେବେ ଭାବିଛନ୍ତି, ସକାଳୁ ଶୀଘ୍ର ଉଠିବାକୁ କାହିଁକି ମନ ହୁଏନାହିଁ ? କିମ୍ବା କୌଣସି ଜରୁରୀ କାମ କରିବା ବେଳେ ମନ କାହିଁକି ପୁରୁଣା ଦୁଃଖ କିମ୍ବା ଅତୀତର ସ୍ମୃତିରେ ହଜିଯାଏ ? ଏହା ହେଉଛି ମନର ଚାଲାକି। କିନ୍ତୁ ବିଜ୍ଞାନ ଏବଂ ବ୍ରହ୍ମଜ୍ଞାନ କହେ, ଯଦି ଆମେ ମନକୁ ସଠିକ ପ୍ରଶିକ୍ଷଣ ଦେବା, ତେବେ ଏହି ମନ ହିଁ ଆମକୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିବ ।

ନିଜ ମନକୁ ନିୟନ୍ତ୍ରଣ କରିବା ଏବଂ ଜୀବନର ଦିଗ ବଦଳାଇବା ପାଇଁ ୫ଟି ଅମୋଘ ଅସ୍ତ୍ର କଣ ଆସନ୍ତୁ ଜାଣିବା

ଆତ୍ମ ବିଜୟର ପାଞ୍ଚଟି ସୂତ୍ର

୧. ସକାରାତ୍ମକ ଆତ୍ମସମ୍ଭାଷଣ (Positive Self-Talk)

ଆମେ ଦିନସାରା ଅନ୍ୟମାନଙ୍କ ସହ କଥା ହେଉ, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେ ନିଜ ସହ କ'ଣ କଥା ହେଉ । ଯଦି ଆପଣ ବାରମ୍ବାର କହୁଛନ୍ତି "ମୁଁ ଦୁର୍ବଳ" କିମ୍ବା "ମୋ ଦ୍ୱାରା ହେବନି", ତେବେ ଆପଣଙ୍କ ଅବଚେତନ ମନ (Subconscious Mind) ତାହାକୁ ସତ୍ୟ ବୋଲି ମାନିନିଏ ।ଏଥିପାଇଁ ପ୍ରତିଦିନ ସକାଳୁ ଉଠି ନିଜକୁ କୁହନ୍ତୁ - "ମୁଁ ଆଜି ପୂର୍ବ ଅପେକ୍ଷା ଉନ୍ନତ ଏବଂ ମୁଁ ସବୁ କିଛି ଶିଖିପାରିବି ।"

୨. ସ୍ପଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ (Goal Setting)

ଏକ ଦିଗହୀନ ମନ ସେହି ଉନ୍ମୁକ୍ତ ଘୋଡ଼ା ପରି ଯିଏ କେବଳ ଦୌଡ଼ିଥାଏ କିନ୍ତୁ କେଉଁଆଡେ ଯିବାକୁ ହେବ ଜାଣିନଥାଏ । ଯେତେବେଳେ ଆପଣଙ୍କ ପାଖରେ ଏକ ସ୍ପଷ୍ଟ ଲକ୍ଷ୍ୟ ଥାଏ, ମସ୍ତିଷ୍କର RAS (Reticular Activating System) କେବଳ ସେହି କାମ ଉପରେ ଧ୍ୟାନ ଦିଏ । ଲକ୍ଷ୍ୟ ଛୋଟ ହେଉ କି ବଡ଼, ତାହା ସ୍ପଷ୍ଟ ହେବା ଆବଶ୍ୟକ ।

୩. ସମୟ ପରିଚାଳନା (Time Management)

ବ୍ୟସ୍ତ ରହିବା ଏବଂ ଉତ୍ପାଦନଶୀଳ (Productive) ହେବା ମଧରେ ପାର୍ଥକ୍ୟ ଅଛି । ସମୟର ସଠିକ ପରିଚାଳନା ମନକୁ ଶାନ୍ତି ଦିଏ । ଯେତେବେଳେ ଆପଣ ପ୍ରାଥମିକତା ଅନୁଯାୟୀ କାମ କରନ୍ତି, ମନରେ 'ଅନିଶ୍ଚିତତା' ରହେ ନାହିଁ ଏବଂ ଆପଣ ବର୍ତ୍ତମାନ ମୁହୂର୍ତ୍ତରେ ବଞ୍ଚିବା ଶିଖନ୍ତି ।

୪. ଧ୍ୟାନ ବା ମେଡିଟେସନ୍ (Meditation)

ଧ୍ୟାନ କେବଳ ଏକ ଧାର୍ମିକ କାର୍ଯ୍ୟ ନୁହେଁ, ଏହା ମନର ସ୍ୱଚ୍ଛତା ପାଇଁ ଏକ ମାନସିକ ବ୍ୟାୟାମ । ମାତ୍ର ୧୫ ମିନିଟର ଧ୍ୟାନ ଆପଣଙ୍କ ମସ୍ତିଷ୍କର ଭୟ ଏବଂ ଚିନ୍ତାକୁ ନିୟନ୍ତ୍ରଣ କରୁଥିବା ଅଂଶ (Amygdala) କୁ ସୁଧାରିଥାଏ । ଏହା ଆପଣଙ୍କୁ ନିଜ ଚିନ୍ତାଧାରାର 'ସାକ୍ଷୀ' ହେବାକୁ ଶିଖାଏ ।

୫. ନିରନ୍ତର ଅଭ୍ୟାସ :

ମନକୁ ଜିତିବା ଗୋଟିଏ ଦିନର କାମ ନୁହେଁ । ଏହା ଏକ ଯୁଦ୍ଧ ଯାହା ପ୍ରତିଦିନ ଲଢ଼ାଯାଏ । ନିଜର ଭୁଲଗୁଡ଼ିକୁ ସ୍ୱୀକାର କରିବା ଏବଂ ସେଥିରୁ ଶିଖି ଆଗକୁ ବଢ଼ିବା ହିଁ ପ୍ରକୃତ ଜାଗୃତି । ଆପଣଙ୍କ ମନ ଏକ ଶକ୍ତିଶାଳୀ ସେବକ ହୋଇପାରେ କିମ୍ବା ଏକ ଭୟଙ୍କର ମାଲିକ। ଏହା ଆପଣଙ୍କ ଉପରେ ନିର୍ଭର କରେ ଯେ ଆପଣ ତାକୁ କିପରି ପ୍ରଶିକ୍ଷଣ ଦେଉଛନ୍ତି ।

ଗୃହଲକ୍ଷ୍ମୀ ସାବଧାନ!

ଏମିତି ଅଭ୍ୟାସ ଥିଲେ ରୁଷ୍ଟ ହୋଇ ଫେରିଯାଆନ୍ତି ମା' ଲକ୍ଷ୍ମୀ

ଭାରତୀୟ ସଂସ୍କୃତିରେ ନାରୀକୁ ଘରର 'ଲକ୍ଷ୍ମୀ' ବୋଲି ବିବେଚନା କରାଯାଏ । ବିଶ୍ୱାସ ରହିଛି ଯେ, ଜଣେ ଗୃହିଣୀ ଚାହିଁଲେ ନିଜ ଗୁଣ ଦ୍ୱାରା ଘରକୁ ସ୍ୱର୍ଗ କରିପାରନ୍ତି କିମ୍ବା ନିଜର ବଦଭ୍ୟାସ ଦ୍ୱାରା ନର୍କରେ ପରିଣତ କରିପାରନ୍ତି । ଶାସ୍ତ୍ର ଅନୁଯାୟୀ, ଘରର ସୁଖ-ସମୃଦ୍ଧି ମହିଳାମାନଙ୍କ ଆଚରଣ ଉପରେ ବହୁମାତ୍ରାରେ ନିର୍ଭର କରେ। ତେବେ ଏପରି କିଛି କାର୍ଯ୍ୟ ରହିଛି, ଯାହା ମହିଳାମାନଙ୍କୁ କରିବା ବାରଣ କରାଯାଇଛି। ଯାହା ଦାରିଦ୍ର୍ୟର କାରଣ ସାଜିପାରେ।

୧. ଝାଡୁରେ ଗୋଡ଼ ଲଗାଇବା: ଶାସ୍ତ୍ରରେ ଝାଡୁକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ବୋଲି ମାନାଯାଏ । ଯେଉଁ ଘରର ମହିଳାମାନେ ଝାଡୁକୁ ଗୋଡ଼ରେ ଆଡେଇ ଦିଅନ୍ତି କିମ୍ବା ଝାଡୁରେ ଗୋଡ଼ ବାଜିଯାଏ, ସେହି ଘରେ ମା' ଲକ୍ଷ୍ମୀ କେବେବି ବାସ କରନ୍ତି ନାହିଁ । ଏହା ଦାରିଦ୍ର୍ୟକୁ ନିମନ୍ତ୍ରଣ କରିଥାଏ।

୨. ଚୁଲି ଉପରେ ଅଇଁଠା ବାସନ: ଅନେକ ସମୟରେ ମହିଳାମାନେ ରୋଷେଇ ସରିବା ପରେ ତାୱା କିମ୍ବା କଡ଼େଇ ଭଳି ବାସନକୁ ଅଇଁଠା ଅବସ୍ଥାରେ ଗ୍ୟାସ୍ ବା ଚୁଲି ଉପରେ ଛାଡ଼ି ଶୋଇପଡ଼ନ୍ତି । ଏହି ଅଭ୍ୟାସ ଘର ପାଇଁ ଅତ୍ୟନ୍ତ ଅଶୁଭ ଏବଂ ଏହା ଦୁଃଖ ଓ ଦାରିଦ୍ର୍ୟର କାରଣ ହୋଇଥାଏ ।

୩. ଗୋଡ଼ରେ କବାଟ ଖୋଲିବା: ଯଦି କୌଣସି ମହିଳା ହାତ ବଦଳରେ ଗୋଡ଼ର ଠେସା ଦେଇ କବାଟ ଖୋଲନ୍ତି ବା ବନ୍ଦ କରନ୍ତି, ତେବେ ସେହି ଘରୁ ଧନର ଦେବୀ ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଫେରିଯାଆନ୍ତି । ତେଣୁ ଏହି ଅଭ୍ୟାସ ତୁରନ୍ତ ତ୍ୟାଗ କରିବା ଉଚିତ୍।

ନିଲମ୍ବନ, ନୂଆ ଦଳ ଓ ନିବେଶ

ଜାନୁଆରୀ ମାସର ଦ୍ୱିତୀୟ ପକ୍ଷ ଆରମ୍ଭରୁ ବିଜେଡିର ଆଶ୍ଚର୍ଯ୍ୟଜନକ ନିଲମ୍ବନ ଘଟଣା ନୂତନ ଦଳ ଗଠନର ଚର୍ଚ୍ଚା ସୃଷ୍ଟି କ ଲା । ଜାନୁଆରୀ ୧୫ ତାରିଖରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦୁଇ ଜଣ ବିଧାୟକ - ଅରବିନ୍ଦ ମହାପାତ୍ର (ପାଟକୁରା) ଏବଂ ସ ନାତନ ମହାକୁଡ (ଚମ୍ପୁଆ)ଙ୍କୁ "ଦଳ ବିରୋଧୀ କାର୍ଯ୍ୟ" ପାଇଁ ନିଲମ୍ବିତ କରିଥିଲେ । ଅନେକ ବିଜେଡି ବିଧାୟକଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିବା ପରେ ନବୀନ ଏହି ନିଷ୍ପତ୍ତି ନେଇଥିବା ଆଲୋଚନା ହେଲା । ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ପଦକ୍ଷେପକୁ ଦଳରୁ "ଅଳିଆ" ସଫା କରିବା ବୋଲି କହିଥିବା ବେଳେ ମୁଖପାତ୍ର ଲେନିନ ମହାନ୍ତି କହିଥିଲେ, "ନବୀନ ପଟ୍ଟନାୟକ କେବେବି ଦୁର୍ନୀତିଗ୍ରସ୍ତ ବିଶ୍ୱାସଘାତକମାନଙ୍କୁ ବରଦାସ୍ତ କରନ୍ତି ନାହିଁ ।" ଏହି ନିଲମ୍ବନ ଅତୀତର ଘଟଣାବଳୀକୁ ମନେ ପକାଇ ଦେଇଥିଲା । ଅ ରବିନ୍ଦ ମହାପାତ୍ରଙ୍କ ପିତା ବିଜୟ ମହାପାତ୍ର, ଯିଏ ବିଜେଡିର ଅନ୍ୟତମ ପ୍ରତିଷ୍ଠାତା ଥିଲେ, ତାଙ୍କୁ ୨000 ମସିହାରେ ଦଳରୁ ବାହାର କରାଯାଇଥିଲା ।ଏହି କାର୍ଯ୍ୟାନୁଷ୍ଠାନ ଏବଂ ପୂର୍ବରୁ ଜଣେ ବିଜେଡି ବିଧାୟକଙ୍କ ଦେହାନ୍ତ ହୋଇଥିବାରୁ, ୧୪୭ ସଦସ୍ୟ ବିଶିଷ୍ଟ ବିଧାନସଭାରେ ବିଜୁ ଜନତା ଦଳର ସଦସ୍ୟ ସଂଖ୍ୟା ୪୮କୁ ଖସି ଆସିଥିଲା । ଜାନୁଆରୀ ୧୬ରେ ନବୀନ ଯାଜପୁରର ଆଉ ଦୁଇ ଜଣ ଜିଲ୍ଲା ସ୍ତରୀୟ ନେତା - ଜିଲ୍ଲା ପରିଷଦ ଅଧକ୍ଷା ନଳିନୀ ପ୍ରଭା ଜେନା ଏବଂ ଉପାଧକ୍ଷ ଗଣେଶ୍ୱର ବରାଳଙ୍କୁ ମଧ ନିଲମ୍ବିତ କରିଥିଲେ ।।

ସେପଟେ ଡିସେମ୍ବର ୨୦୨୪ରେ ବହିଷ୍କୃତ ହୋଇଥିବା ପୂର୍ବତନ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍, ନିଶା ନିବାରଣ ଏବଂ ଯୁବ ସଶକ୍ତିକରଣ ଉପରେ ଧାନ ଦେଇ ଏକ ନୂତନ ଦଳ ଗଠନ କରିବାକୁ ଘୋଷଣା କରିଥିଲେ ।

ଅନ୍ୟପଟେ ସରକାର ନିବେଶକଙ୍କୁ ଆକୃଷ୍ଟ କରୁଥିବା ବେଳେ ବିରୋଧୀ ଏକଜୁଟ୍ ହେଲେ ଜାନୁଆରୀ ୧୬ରେ ସମାଜବାଦୀ ପାର୍ଟିର ଅଧକ୍ଷ ଅଖିଳେଶ ଯା ଦବ ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ । ଏହାକୁ ଏକ ସୌଜନ୍ୟମୂଳକ ସାକ୍ଷାତକାର କୁହାଯାଇଥିଲେ ମ ଧ ଏହାର ଗଭୀର ତାତ୍ପର୍ଯ୍ୟ ରହିଥିଲା । ଯାଦବ ପରେ ମନ୍ତବ୍ୟ ଦେଇଥିଲେ ଯେ "ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଭେଟି ନିଜର ଦୁଃଖ ବାଣ୍ଟିଲେ ଏବଂ ବିଜେପିକୁ କ୍ଷମତାଚ୍ୟୁତ କରିବାକୁ ନିଷ୍ପତ୍ତି ନେଲେ," ଏବଂ ଶାସକ ଦଳ ଯେଉଁଠି ଦୁର୍ବଳ ସେଠାରେ "ସାମ୍ପ୍ରଦାୟିକ ରାଜନୀତିର ଆଶ୍ରୟ ନେଉଛି" ବୋଲି ଅଭିଯୋଗ କରିଥିଲେ ।

ଏହି ସମୟରେ ମୁଖ୍ୟମନ୍ତ୍ରୀ ମାଝୀ କୋଲକାତାରେ ଦୁଇ ଦିନିଆ ନିବେଶକ ସମ୍ମିଳନୀ (ରୋଡ୍ ଶୋ') ପାଇଁ ଏକ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ, ଯେଉଁଥିରେ ୮୧,୮୬୪ କୋଟି ଟଙ୍କାର ୨୭ଟି ବୁଝାମଣା ପତ୍ର (MoU) ଏବଂ ୧୮,୪୫୩ କୋଟି ଟଙ୍କାର ୧୯ଟି ନିବେଶ ପ୍ରସ୍ତାବ ହାସଲ ହୋଇଥିଲା, ଯାହାର ମିଳିତ ନିଯୁକ୍ତି ସମ୍ଭାବନା ୯୦,୦୦୦ରୁ ଅଧିକ ଥିଲା । ମୁଖ୍ୟମନ୍ତ୍ରୀ ଫାର୍ମାସ୍ୟୁଟିକାଲ୍ସ, ପ୍ରତିରକ୍ଷା ଉତ୍ପାଦନ, ନବୀକରଣଯୋଗ୍ୟ ଶକ୍ତି ଏବଂ ଡାଟା ସେଣ୍ଟର କ୍ଷେତ୍ରର ୩୮ ଜଣ ଶିଳ୍ପପତିଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ ।

କଂଗ୍ରେସ ମଧ୍ୟରେ ଆଭ୍ୟନ୍ତରୀଣ କନ୍ଦଳ ତୀବ୍ର ହୋଇଥିଲା ଯେତେବେଳେ ବହିଷ୍କୃତ ନେତା ମହମ୍ମଦ ମୋକିମଙ୍କ ସମର୍ଥନରେ ୪୧ ଜଣ ଦଳୀୟ କର୍ମୀ ଇସ୍ତଫା ଦେଇଥିଲେ । ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧୀନରେ "ଅପାରଗ ଏବଂ ଦିଗହୀନ ନେତୃତ୍ୱ"କୁ ଦାୟୀ କରି ଇସ୍ତଫା ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଜଣେ ପୂର୍ବତନ ପିସିସି ସମ୍ପାଦକ, ଜଣେ ଦଳୀୟ ମୁଖପାତ୍ର ଏବଂ ଏକାଧିକ ବ୍ଲକ ସଭାପତି ଅନ୍ତର୍ଭୁକ୍ତ ଥିଲେ ।

କେନ୍ଦ୍ର ସରକାର MGNREGS ବଦଳରେ 'ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ' (VB-G RAM G) ଆଣିବା ବିରୋଧରେ କଂଗ୍ରେସ ଭୁବନେଶ୍ୱରର ଲୋୟର ପିଏମଜି ଛକରେ ସତ୍ୟାଗ୍ରହ କରିଥିଲା । ପ୍ରଦର୍ଶନକାରୀମାନେ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନାକୁ ପୁନଃସ୍ଥାପନ ଦାବି କରି ରାଜ୍ୟପାଳ ହରି ବାବୁ କମ୍ଭମ୍ପାଟିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ବାଲେଶ୍ୱରରେ ଏକ ସାମ୍ପ୍ରଦାୟିକ ଘଟଣାକୁ ନେଇ ଉପକୂଳ ସ ମେତ ରାଜ୍ୟରେ ପୁଣି ଏକ ବିବାଦ ମୁଣ୍ଡ ଟେକିଥିଲା । ଜାନୁଆରୀ ୧୪ରେ ଗୋ-ସୁରକ୍ଷା କର୍ମୀଙ୍କ ଦ୍ୱାରା ଆକ୍ରମଣରେ ଶେଖ ମକରନ୍ଦ ମହମ୍ମଦଙ୍କ ମୃତ୍ୟୁ ଘଟଣାରେ ଜାନୁଆରୀ ୨୦ରେ ନବୀନ ପଟ୍ଟନାୟକ "ଗଭୀର ଦୁଃଖ" ପ୍ରକାଶ କରିଥିଲେ । ସାଂସଦ ସୁଲତା ଦେଓଙ୍କ ନେତୃତ୍ୱରେ ... ଏକ ବିଜେଡି ପ୍ରତିନିଧି ... ଦଳ ବାଲେଶ୍ୱର ... ଗସ୍ତ କରିଥିଲା ଏବଂ ବରିଷ୍ଠ ନେତା ସଞ୍ଜୟ ଦାସ ବର୍ମା ଘୋଷଣା କରିଥିଲେ ଯେ "ସ୍ୱାଧୀନତା ପରଠାରୁ ଶାନ୍ତିପ୍ରିୟ ଓଡ଼ିଶାରେ ଏଭଳି ଜଘନ୍ୟ ଘଟଣା କେବେ ଘଟି ନଥିଲା ।"

ଦ୍ୱିତୀୟ ପକ୍ଷ

ଜାନୁଆରୀ ମାସର ଦ୍ୱିତୀୟ ପକ୍ଷ ଓଡ଼ିଶା ରାଜନୀତି ପାଇଁ ଏକ ପରିବର୍ତ୍ତନକାରୀ ସମୟ ଥିଲା, ଯେଉଁଥିରେ ୧.୫ ଲକ୍ଷ କୋଟିରୁ ଅଧିକ ନିବେଶ ପ୍ରତିଶ୍ରୁତି, ବିରୋଧୀ ବିଜେଡି ଦଳରେ ଆଭ୍ୟନ୍ତରୀଣ କନ୍ଦଳ, ଏକାଧିକ ଦଳ ଦ୍ୱାରା ସମର୍ଥିତ ଚାଷୀ ଆନ୍ଦୋଳନ (ବନ୍ଦ) ଏବଂ ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ରଣନୈତିକ ପ୍ରସ୍ତୁତି ଦେଖିବାକୁ ମିଳିଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଜେପି ସରକାର ଶିଳ୍ପ ଅଭିବୃଦ୍ଧି ଉପରେ ଜୋର ଦେଇଥିବା ବେଳେ ବିରୋଧୀ ଦଳଗୁଡିକ ଚାଷୀ ସମସ୍ୟା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଏକାଠି ହୋଇଥିଲେ ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଗାମୀ ବିଧାନସଭା ଅଧିବେଶନରେ ପୁରୁଣା ଔପନିବେଶିକ ଆଇନ ବଦଳରେ ଏକ ବ୍ୟାପକ ନୂତନ ଭୂମି ପ୍ରଶାସନ ଆଇନ ଆଣିବାକୁ ଘୋଷଣା କରିଥିଲେ ।

ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବିଜେଡି ରାଜନୈତିକ ବ୍ୟାପାର କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ "ରାଜ୍ୟବାସୀଙ୍କ ସହ ବିଶ୍ୱାସଘାତକତା" କରୁଥିବା ବିଜେପି ସରକାର ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । କମିଟି ପାଞ୍ଚଟି ମୁଖ୍ୟ ଅଭିଯୋଗ ଚିହ୍ନଟ କରିଥିଲା । ଚାଷୀ ସମସ୍ୟା, ଆଇନ ଶୃଙ୍ଖଳା ବିପର୍ଯ୍ୟୟ, ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ, ବେକାରୀ ଏବଂ ଛତିଶଗଡ ସହ ଅସମାହିତ ମହାନଦୀ ଜଳ ବିବାଦ ।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମାଝୀ ଓଡ଼ିଶା ପାଇଁ "ଏକ ସୁରକ୍ଷିତ, ଅନ୍ତର୍ଭୁକ୍ତ ଏବଂ ସାର୍ବଭୌମ କୃତ୍ରିମ ବୁଦ୍ଧିମତା (AI) ଇକୋସିଷ୍ଟମ" ଗଠନ କରିବା ଉଦ୍ଦେଶ୍ୟରେ ଏକ ଘରୋଇ AI କମ୍ପାନୀ ସହ ଆଲୋଚନା କରିଥିଲେ ଏବଂ ଘୋଷଣା କରିଥିଲେ ଯେ ରାଜ୍ୟକୁ କେବଳ ପ୍ରଯୁକ୍ତିବିଦ୍ୟା ଗ୍ରହଣକାରୀ ନୁହେଁ ବରଂ ଏହାର ଅଗ୍ରଦୂତ ହେବାକୁ ପଡିବ ।

ଏହା ପରେ ପରେ ବିଜେଡି ମୁଖ୍ୟାଳୟରେ ବିରୋଧୀ ଦଳ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ କରିଥିଲା । ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଅଭିଯୋଗ କରିଥିଲେ ଯେ ଧାନ ସଂଗ୍ରହ ବ୍ୟବସ୍ଥା "ସମ୍ପୂର୍ଣ୍ଣ ଭୁଶୁଡି ପଡିଛି," ଯେଉଁଥିରେ ୭୩ ଲକ୍ଷ ମେଟ୍ରିକ୍ ଟନ୍ ଲକ୍ଷ୍ୟ ବିପକ୍ଷରେ ୧୯.୬୬ ଲକ୍ଷ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ମାତ୍ର ୨୯% ସେମାନଙ୍କ ଉତ୍ପାଦ ବିକ୍ରି କରିପାରିଛନ୍ତି । ବିଜେଡି ଫେବୃଆରୀ ୨-୧୭ ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ପ୍ରଦର୍ଶନ ଏବଂ ଫେବୃଆରୀ ୨୪ରେ ଭୁବନେଶ୍ୱରରେ ଏକ ବିଶାଳ ସମାବେଶ ଘୋଷଣା କରିଥିଲା ।

ଗଣତନ୍ତ୍ର ଦିବସରେ କଟକର ବାରବାଟୀ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ମାଝୀ ଓଡ଼ିଶାକୁ ଏହାର ଶତବାର୍ଷିକୀ ସୁଦ୍ଧା ଭାରତର ଶ୍ରେଷ୍ଠ ପାଞ୍ଚଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବା ପାଇଁ "ଭିଜନ ୨୦୩୬" ଉନ୍ମୋଚନ କରିଥିଲେ । ମୁଖ୍ୟ ଘୋଷଣା ମଧ୍ୟରେ ସୋମବାରକୁ କେବଳ ଅଭିଯୋଗ ଶୁଣାଣି ପାଇଁ ଉତ୍ସର୍ଗ କରିବା, ୪୦୦ରୁ ଅଧିକ ସରକାରୀ ସେବା ଅନଲାଇନରେ ଉପଲବ୍ଧ କରାଇବା ଏବଂ ୧୯ ମାସ ମଧ୍ୟରେ ୭.୭ ଲକ୍ଷ କୋଟି ଟଙ୍କାର ୩୦୦ ଶିଳ୍ପ ପ୍ରକଳ୍ପ ଅନୁମୋଦନ ଅନ୍ତର୍ଭୁକ୍ତ ଥିଲା ।

ମୁଖ୍ୟମନ୍ତ୍ରୀ କହିଥିଲେ, ସୁଭଦ୍ରା ଯୋଜନା ଏକ କୋଟିରୁ ଅଧିକ ମହିଳାଙ୍କ ପାଖରେ ପହଞ୍ଚିଛି ଏବଂ ମହିଳାଙ୍କ ବିରୋଧରେ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହାର ୨୦୨୩ରେ ୬.୯% ରୁ ୨୦୨୫ ମଧଭାଗ ସୁଦ୍ଧା ୪୧% କୁ ବୃଦ୍ଧି ପାଇଛି ବୋଲି ଦାବି କରିଥିଲେ ।

ଜାନୁଆରୀ ୨୭ରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରର ହିଣ୍ଡାଲକୋ ଆଦିତ୍ୟ ଆଲୁମିନିୟମ ପ୍ଲାଣ୍ଟରେ ଭାରତର ପ୍ରଥମ ଫ୍ଲାଟ ରୋଲ୍ଡ ପ୍ରଡକ୍ଟ ଆଲୁମିନିୟମ ୟୁନିଟ୍ ଉଦଘାଟନ କରିଥିଲେ, ଯାହା ୨୬,୯୯୬ କୋଟି ଟଙ୍କାର ନିବେଶ ଏବଂ ୫,୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ। ସେ ଘୋଷଣା କରିଥିଲେ ଯେ ୨୦ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ସହ "ଓଡ଼ିଶାରେ ଏକ ନୂତନ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି ।"

ବିଜେଡିର ଆଭ୍ୟନ୍ତରୀଣ ରାଜନୀତିକୁ ନେଇ ଏକ ନୂଆ ଚର୍ଚ୍ଚା ଜୋର ଧରିଥିଲା । ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଦଳର ନେତୃତ୍ୱ ପାଇଁ କଳିକେଶ ନାରାୟଣ ସିଂ ଦେଓ (ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂ ଦେଓଙ୍କ ନାତି)ଙ୍କୁ ସମର୍ଥନ କରିଥିଲେ, ଯାହା ନବୀନ ପଟ୍ଟନାୟକ ୮୦ ବର୍ଷ ପାଖାପାଖି ହେଉଥିବାରୁ ଉତ୍ତରାଧିକାରୀ ଚର୍ଚ୍ଚା ସୃଷ୍ଟି କରିଥିଲା । ଏହି ଚର୍ଚ୍ଚା ନୂଆ ନୂଆ ରୂପରେ ସାମ୍ନାକୁ ଆସି ପୁଣି ଉଭେଇ ଗଲା ।

ଜାନୁଆରୀ ୨୮ ତାରିଖରେ ନବନିର୍ମାଣ କୃଷକ ସଙ୍ଗଠନ (NNKS) ଆଠ ଘଣ୍ଟିଆ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦେଇଥିବା ବେଳେ ସରକାର ରାଉରକେଲାରେ 'ଏଣ୍ଟରପ୍ରାଇଜ୍ ଓଡ଼ିଶା ୨୦୨୬' ଉଦଘାଟନ କରିଥିଲେ। କଂଗ୍ରେସ ଏବଂ ସିପିଆଇ(ଏମ) ସମର୍ଥିତ ଚାଷୀ ବନ୍ଦରେ କ୍ୱିଣ୍ଟାଲ ପିଛା ୮ ୦ ୦ ଟଙ୍କା ଇନପୁଟ୍ ସହାୟତା, ଧାନ ସଂଗ୍ରହରୁ ଦଲାଲମାନଙ୍କୁ ହ ଟାଇବା, ଟାଟା ପାୱାରର ସ୍ମାର୍ଟ ମିଟର ସ୍ଥାପନକୁ ବିରୋଧ ଏବଂ ପ୍ରଦୂଷଣ ପ୍ରମାଣପତ୍ର ଜୋରିମାନାକୁ ପ୍ରତ୍ୟାଖ୍ୟାନ କରିବା ଦାବି କରାଯାଇଥିଲା । କଂଗ୍ରେସ ଓପିସିସି ସଭାପତି ଭକ୍ତ ଚରଣ ଦାସ ସମସ୍ତ ଜିଲ୍ଲା ୟୁନିଟକୁ ଅଂଶଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଥିଲେ ଯେ ଚାଷୀମାନେ "ମିଲର, ଦଲାଲ ଏବଂ ସରକାରଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକାର ଶିକାର ହୋଇଛନ୍ତି ।" ବିଜେପି ଏହି ବନ୍ଦକୁ "ନକଲି ଚାଷୀ ଆନ୍ଦୋଳନ" ବୋଲି ଖାରଜ କରିଥିଲା ଏବଂ ମୁଖପାତ୍ର ମନୋଜ ମହାପାତ୍ର କଂଗ୍ରେସ ଚାଷୀ ସଂଗଠନକୁ ରାଜନୈତିକ ପ୍ରତିନିଧି ଭାବେ ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ ।

ରାଉରକେଲାରେ ଅନୁଷ୍ଠିତ ଏଣ୍ଟରପ୍ରାଇଜ୍ ଓଡ଼ିଶାର ରୌପ୍ୟ ଜୟନ୍ତୀରେ ୫୨,୦୨୬ କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ୨୦,୦୦୦ରୁ ଅଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ ବୋଲି କୁହାଗଲା । ବେଦାନ୍ତକୁ ୩ ଏମଟିପିଏ ଆଲୁମିନିୟମ ସ୍ମେଲଟର ପାଇଁ ପ୍ରାୟ ୧,୪୪୮ ଏକର ଜମି ଯୋଗାଇ ଦିଆଗଲା । ମୁଖ୍ୟମନ୍ତ୍ରୀ ମାଝୀ ପଶ୍ଚିମ ଓଡ଼ିଶାକୁ ବିକାଶର ଏକ ମୁଖ୍ୟ ଇଞ୍ଜିନ୍ ବୋଲି ଘୋଷଣା କରିଥିଲେ।

ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ରୁଦ୍ଧଦ୍ୱାର ବୈଠକରେ ଏପ୍ରିଲ ୨୦୨୬ରେ ଖାଲି ହେବାକୁ ଥିବା ଚାରୋଟି ରାଜ୍ୟସଭା ଆସନ ପାଇଁ ରଣନୀତି ଉପରେ ଧାନ ଦିଆଯାଇଥିଲା । ବିଜେପି ପାଖରେ ୭୯ ଜଣ ବିଧାୟକ (ଏବଂ ୩ ଜଣ ସ୍ୱାଧୀନ) ଓ ବିଜେଡି ପାଖରେ ୪୮ ଜଣ ଥିବାରୁ ଚତୁର୍ଥ ଆସନ ପାଇଁ ଲଢେଇ ଜୋରଦାର ହୋଇଥିଲା । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦାବି କରିଥିଲେ ଯେ ବିଜେପି ଏହାକୁ ହାସଲ କରିବ । ଓପିସିସି ସଭାପତି ଭକ୍ତ ଚରଣ ଦାସ ସମ୍ଭାବ୍ୟ ବିଜେଡି-କଂଗ୍ରେସ ସମନ୍ୱୟ ପାଇଁ ପଟ୍ଟନାୟକଙ୍କ ସହ ସାକ୍ଷାତ କରିବାକୁ ଚାହିଁଥିଲେ - କାରଣ ସେମାନଙ୍କର ମିଳିତ ଶକ୍ତି ସେହି ବିବାଦୀୟ ଆସନ ପାଇଁ ବିଜେପିକୁ ଚ୍ୟାଲେଞ୍ଜ ଦେଇପାରିବ ।

ବିଶ୍ୱବ୍ୟାଙ୍କ ସଭାପତି ଅଜୟ ବାଙ୍ଗା ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଭେଟି ଦକ୍ଷତା ବିକାଶ, ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଅଭିବୃଦ୍ଧି ଉପରେ ସହଯୋଗ ବିଷୟରେ ଆଲୋଚନା କରିଥିଲେ । ମାଝୀ ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟ (ଦୃଷ୍ଟିପାତ) ବାଣ୍ଟିଥିଲେ ଏବଂ ବାଙ୍ଗା ରାଜ୍ୟର ସଂସ୍କାରମୂଳକ ଶାସନକୁ ପ୍ରଶଂସା କରିଥିଲେ। ସିଏମଆଇଇ ତଥ୍ୟ ଅନୁଯାୟୀ ଓଡ଼ିଶା ୨.୫ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। ମାଝୀ ଅର୍ଥନୈତିକ ସର୍ଭେ ୨୦୨୫-୨୬କୁ ମଧ ସ୍ୱାଗତ କରିଥିଲେ, ଯେଉଁଥିରେ ଓଡ଼ିଶାର ନିଟ୍ ରାଜ୍ୟ ଘରୋଇ ଉତ୍ପାଦ (NSDP) ୧୩.୦୪% ବୃଦ୍ଧି ପାଇ ୭.୯୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ଏବଂ ମୁଣ୍ଡପିଛା NSDP ୧,୬୮,୯୬୬ ଟଙ୍କାରେ ପହଞ୍ଚିଥିବା ଦର୍ଶାଯାଇଥିଲା। ଓଡ଼ିଶା ବିଧାନସଭା ବଜେଟ୍ ଅଧିବେଶନ ଫେବୃଆରୀ ୧୭ରୁ ଏପ୍ରିଲ ୮, ୨୦୨୬ ପର୍ଯ୍ୟନ୍ତ ଘୋଷଣା କରାଯାଇଥିଲା ଏବଂ ରାଜ୍ୟ ବଜେଟ୍ ଉପସ୍ଥାପନ ଫେବୃଆରୀ ୨୦ରେ ହେବାକୁ ସ୍ଥିର ହୋଇଥିଲା ।

ଭାରତ ଏବଂ ଇୟୁ ଚୁକ୍ତି: ଚିନ୍ତାରେ ପାକିସ୍ଥାନ

ଭାରତ ଏବଂ ୟୁରୋପୀୟ ସଂଘ (EU) ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି (FTA) କୁ ନେଇ ଏବେ ପାକିସ୍ତାନର ରପ୍ତାନିକାରୀ ମହଲରେ ଆତଙ୍କ ଖେଳିଯାଇଛି । ଜାନୁଆରୀ ୨୭, ୨୦୨୬ରେ ହୋଇଥିବା ଏହି ଚୁକ୍ତିକୁ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ "ସମସ୍ତ ବାଣିଜ୍ୟ ଚୁକ୍ତିର ଜନନୀ" ବୋଲି ଅଭିହିତ କରିଥିବାବେଳେ, ଏହା ପାକିସ୍ତାନର ଅର୍ଥନୀତି ପାଇଁ ଏକ ବଡ଼ ଝଟକା ସାବ୍ୟସ୍ତ ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

ଶୂନ୍ୟ ଟାରିଫ୍‌ର ପ୍ରତିଯୋଗିତା

ବର୍ତ୍ତମାନ ପର୍ଯ୍ୟନ୍ତ ପାକିସ୍ତାନ ୟୁରୋପୀୟ ସଂଘର G SP+ (Generalised Scheme of Preferences Plus) ମାଧ୍ୟମରେ ବିନା ଶୁଳ୍କରେ ନିଜର ସାମଗ୍ରୀ ରପ୍ତାନି କରି ଆସୁଥିଲା । ଅନ୍ୟପଟେ ଭାରତୀୟ ରପ୍ତାନିକାରୀଙ୍କୁ ୟୁରୋପୀୟ ବଜାରରେ ପ୍ରାୟ ୧୨% ପର୍ଯ୍ୟନ୍ତ ଟାରିଫ୍ ବା ଶୁଳ୍କ ଦେବାକୁ ପଡୁଥିଲା । ଏହି କାରଣରୁ ପାକିସ୍ତାନର ଟେକ୍ସଟାଇଲ୍ (ବସ୍ତ୍ର) ଶିଳ୍ପ ଭାରତ ତୁଳନାରେ ଏକ ବଡ଼ ସୁବିଧା ପାଉଥିଲା ।

ମାତ୍ର ନୂତନ ଚୁକ୍ତି ପରେ, ଭାରତ ମଧ୍ୟ ୟୁରୋପୀୟ ବଜାରରେ ଶୂନ୍ୟ ଶୁଳ୍କ ସୁବିଧା ପାଇବା ଏହା ଦ୍ୱାରା ପାକିସ୍ତାନର ଦଶନ୍ଧି ଧରି ରହିଥିବା ଏକଚାଟିଆ ସୁବିଧା ଶେଷ ହେବାକୁ ଯାଉଛି । ପାକିସ୍ତାନର ରପ୍ତାନିକାରୀ ସଂଘ (APTMA) ର ସୂଚନା ଅନୁସାରେ, ଏହା ଦ୍ୱାରା ପାକିସ୍ତାନର ପ୍ରାୟ ୯ ବିଲିୟନ ଡଲାରର ରପ୍ତାନି ବ୍ୟବସାୟ ପ୍ରଭାବିତ ହେବାର ସମ୍ଭାବନା ରହିଛି ।

ପାକିସ୍ତାନର ଅର୍ଥନୀତି ମୁଖ୍ୟତଃ କପଡ଼ା ଏବଂ ପ୍ରସ୍ତୁତ ପୋଷାକ ରପ୍ତାନି ଉପରେ ନିର୍ଭର କରେ । ୟୁରୋପୀୟ ବଜାର ହେଉଛି ପାକିସ୍ତାନର ଦ୍ୱିତୀୟ ବୃହତ୍ତମ ବଜାର । ଭାରତର ବୃହତ ଉତ୍ପାଦନ କ୍ଷମତା ଏବଂ ବୈଷୟିକ ଜ୍ଞାନକୌଶଳ ସହିତ ସମାନ ବାଣିଜ୍ୟିକ ସୁବିଧା ମିଳିଲେ, ପାକିସ୍ତାନ ପାଇଁ ପ୍ରତିଯୋଗିତାରେ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିବ।

ଭାରତୀୟ ସାମଗ୍ରୀ ଶସ୍ତା ହେବା ଫଳରେ ପାକିସ୍ତାନର ବଜାର ଅଂଶଧନ (Market Share) ହ୍ରାସ ପାଇବ । ରପ୍ତାନି କମିଲେ ଟେକ୍ସଟାଇଲ୍ ସେକ୍ଟରରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ ନିଜର ଜୀବିକା ହରାଇପାରନ୍ତି । ପାକିସ୍ତାନର GSP+ ସୁବିଧା ଆସନ୍ତା ବର୍ଷ ଶେଷ ହେବାକୁ ଯାଉଛି, ଯାହା ଚିନ୍ତାକୁ ଦ୍ୱିଗୁଣିତ କରିଛି । ଏହି ସ୍ଥିତିକୁ ଦେଖି ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଇସାକ ଦାର ଏକ ଜରୁରୀକାଳୀନ ଅନ୍ତଃ-ମନ୍ତ୍ରାଳୟ ବୈଠକ ଡକାଇଛନ୍ତି । ପାକିସ୍ତାନ ବୈଦେଶିକ ମନ୍ତ୍ରାଳୟ କହିଛି ଯେ ସେମାନେ ୟୁରୋପୀୟ ସଂଘ ସହିତ ଯୋଗାଯୋଗରେ ଅଛନ୍ତି ଏବଂ ନିଜର ରପ୍ତାନି ସ୍ୱାର୍ଥ ରକ୍ଷା ପାଇଁ ଚେଷ୍ଟା କରୁଛନ୍ତି । ତଥାପି, ଅର୍ଥନୈତିକ ବିଶ୍ଳେଷକଙ୍କ ମତରେ, ପାକିସ୍ତାନ ଯଦି ନିଜର ଉତ୍ପାଦନ ଖର୍ଚ୍ଚ ଏବଂ ବିଜୁଳି ଦର ହ୍ରାସ ନକରେ, ତେବେ ବିଶ୍ୱ ବଜାରରେ ଭାରତ ଆଗରେ ତିଷ୍ଠିବା ଅସମ୍ଭବ ହୋଇପଡ଼ିବ।

ଚିନ୍ତାରେ ତୁର୍କୀ

ଭାରତ ଏବଂ ୟୁରୋପୀୟ ସଂଘ (EU) ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ନୂତନ ମୁକ୍ତ ବାଣିଜ୍ୟ ଚୁକ୍ତି (FTA) ତୁର୍କୀ ପାଇଁ ଏକ ବଡ଼ ଆର୍ଥିକ ଆହ୍ୱାନ ସୃଷ୍ଟି କରିଛି । ଏହି ଐତିହାସିକ ଚୁକ୍ତି ସମ୍ପନ୍ନ ହେବା ପରେ ଜଣାପଡ଼ିଛି ଯେ, ତୁର୍କୀର ଉତ୍ପାଦଗୁଡ଼ିକୁ ଏହି ବାଣିଜ୍ୟିକ ସୁବିଧାରୁ ବାଦ୍ ଦିଆଯାଇଛି । ଏହା ଫଳରେ ତୁର୍କୀର ରପ୍ତାନିକାରୀମାନେ ଭାରତୀୟ ବଜାରରେ ପ୍ରତିଯୋଗିତା କରିବା କଷ୍ଟକର ହୋଇପଡ଼ିବ ।

ଚୁକ୍ତିର ଅସମାନତା ଓ ତୁର୍କୀର କ୍ଷତି

ତୁର୍କୀ ଏବଂ ୟୁରୋପୀୟ ସଂଘ ମଧ୍ୟରେ ୧୯୯୬ ମସିହାରୁ ଏକ କଷ୍ଟମ୍ସ ୟୁନିୟନ (Customs Union) ଚୁକ୍ତି ରହିଛି । ଏହି ନିୟମ ଅନୁଯାୟୀ, ଯଦି ୟୁରୋପୀୟ ସଂଘ କୌଣସି ତୃତୀୟ ଦେଶ (ଯେପରିକି ଭାରତ) ସହିତ ବାଣିଜ୍ୟ ଚୁକ୍ତି କରେ, ତେବେ ତୁର୍କୀକୁ ମଧ୍ୟ ସେହି ଦେଶର ସାମଗ୍ରୀ ପାଇଁ ନିଜ ବଜାର ଖୋଲିବାକୁ ପଡ଼ିବ । ଭାରତୀୟ ସାମଗ୍ରୀଗୁଡ଼ିକ ୟୁରୋପ ଦେଇ ବିନା ଶୁଳ୍କରେ ତୁର୍କୀ ବଜାରରେ ପ୍ରବେଶ କରିପାରିବେ ।

କିନ୍ତୁ ତୁର୍କୀର ସାମଗ୍ରୀଗୁଡ଼ିକ ଭାରତରେ ବିନା ଶୁଳ୍କରେ ପ୍ରବେଶ କରିପାରିବେ ନାହିଁ । କାରଣ ତୁର୍କୀ ଭାରତ-ୟୁରୋପୀୟ ସଂଘ FTA ର ସିଧାସଳଖ ସଦସ୍ୟ ନୁହେଁ । ୟୁରୋପୀୟ ବନ୍ଦର ଦେଇ ଆସିଲେ ମଧ୍ୟ ଏହାକୁ 'ତୁର୍କୀ ଉତ୍ପାଦ' ଭାବେ ଗଣନା କରାଯିବ ଏବଂ ଏଥି ପାଇଁ ଭାରତରେ ସମ୍ପୂର୍ଣ୍ଣ ଶୁଳ୍କ ଦେବାକୁ ପଡ଼ିବ । ତୁର୍କୀର ଗଣମାଧ୍ୟମ ଏହି ଚୁକ୍ତିକୁ ଏକ "ନୂତନ ବିପଦ" ବୋଲି ବର୍ଣ୍ଣନା କରିଛି । ଭାରତର ଶସ୍ତା ଶ୍ରମ ଏବଂ ବିଶାଳ ଉତ୍ପାଦନ କ୍ଷମତା ଯୋଗୁଁ ଭାରତୀୟ ସାମଗ୍ରୀ (ବିଶେଷ କରି ଟେକ୍ସଟାଇଲ୍ ଏବଂ ଶିଳ୍ପ ସାମଗ୍ରୀ) ତୁର୍କୀର ବଜାରକୁ କବ୍‌ଜା କରିପାରେ । ଅନ୍ୟପଟେ, ତୁର୍କୀର ବ୍ୟବସାୟୀମାନେ ଭାରତୀୟ ବଜାରରେ ପ୍ରବେଶ ପାଇଁ କୌଣସି ସ୍ୱତନ୍ତ୍ର ରିହାତି ପାଇବେ ନାହିଁ। ଭାରତୀୟ ରପ୍ତାନିକାରୀଙ୍କୁ ୟୁରୋପ ଏବଂ ତୁର୍କୀ ଉଭୟ ବଜାର ମିଳିବ । ତୁର୍କୀର ରପ୍ତାନିକାରୀଙ୍କୁ ଭାରତରେ ପୂର୍ବଭଳି ଉଚ୍ଚ ଟିକସ ଦେବାକୁ ହେବ ।

ବିଶ୍ଳେଷକଙ୍କ ମତରେ, ଭାରତ ଏବଂ ତୁର୍କୀ ମଧ୍ୟରେ ଥିବା କୂଟନୈତିକ ତିକ୍ତତା ମଧ୍ୟ ଏହି ନିଷ୍ପତ୍ତି ପଛରେ ଏକ କାରଣ ହୋଇପାରେ । ପାକିସ୍ତାନ ପ୍ରତି ତୁର୍କୀର ସମର୍ଥନ ଏବଂ କାଶ୍ମୀର ପ୍ରସଙ୍ଗରେ ତୁର୍କୀର ଆଭିମୁଖ୍ୟ ଯୋଗୁଁ ଭାରତ ଏହି ବାଣିଜ୍ୟିକ ଚୁକ୍ତିରେ ତୁର୍କୀକୁ କୌଣସି ପ୍ରକାର ରିହାତି ଦେବାକୁ ଚାହିଁନାହିଁ । ତୁର୍କୀ ଏବେ ୟୁରୋପୀୟ ସଂଘ ସହ ନିଜର ପୁରୁଣା 'କଷ୍ଟମ୍ସ ୟୁନିୟନ' ଚୁକ୍ତିକୁ ସଂଶୋଧନ କରିବା ପାଇଁ ଚାପ ପକାଉଛି, ଯାହାଦ୍ୱାରା ଏହିଭଳି ଅସମାନତା ଦୂର ହୋଇପାରିବ।

ବଳବତ୍ତର ରହିବ ୨୦୧୨ ନିୟମାବଳୀ

ସୁପ୍ରିମକୋର୍ଟ ଗୁରୁବାର ୟୁନିଭର୍ସିଟି ଗ୍ରାଣ୍ଟସ କମିଶନର ବିବାଦୀୟ "ପ୍ରମୋସନ୍ ଅଫ୍ ଇକ୍ୱିଟି ଇନ୍ ହାୟର ଏଜୁକେସନ୍ ଇନଷ୍ଟିଚ୍ୟୁସନ୍ସ ରେଗୁଲେସନ୍ସ, ୨୦୨୬" ଉପରେ ରହିତାଦେଶ ଜାରି କରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ବେଞ୍ଚ ଏହି ନିୟମକୁ "ଅସ୍ପଷ୍ଟ ଏବଂ ଦୁରୁପଯୋଗ ହେବାର ସମ୍ଭାବନା" ବୋଲି ମନ୍ତବ୍ୟ ଦେଇଛନ୍ତି। ଜାନୁଆରୀ ୧୩, ୨୦୨୬ରେ ବିଜ୍ଞପ୍ତ ହୋଇଥିବା ଏହି ନୂଆ ନିୟମ ୨୦୧୨ର ପୂର୍ବ ଜାତି ଭିତ୍ତିକ ଭେଦଭାବ ବିରୋଧୀ ଫ୍ରେମୱାର୍କକୁ ବଦଳାଇବା ପାଇଁ ପ୍ରସ୍ତୁତ କରାଯାଇଥିଲା । ଏହି ସଂସ୍କାର ୨୦୧୯ରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଫଳସ୍ୱରୂପ ଆସିଥିଲା, ଯାହା ରୋହିତ ଭେମୁଲା ଏବଂ ପାୟାଲ ତାଡ଼ଭୀଙ୍କ ଅଭିଭାବକମାନେ ଦାଖଲ କରିଥିଲେ । (ଏହି ଦୁଇ ଛାତ୍ର ଜାତି-ଭିତ୍ତିକ ଶତ୍ରୁତା ମଧ୍ୟରେ ଆତ୍ମହତ୍ୟା କରିଥିଲେ) । ମୁଖ୍ୟ ବିବାଦ ରେଗୁଲେସନ୍ ୩(୮)କୁ ନେଇ ହୋଇଛି, ଯାହା "ଜାତି-ଭିତ୍ତିକ ଭେଦଭାବ"କୁ କେବଳ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ସଦସ୍ୟଙ୍କ ବିରୁଦ୍ଧରେ ହେଉଥିବା ଭେଦଭାବ ଭାବରେ ସଂଜ୍ଞାୟିତ କରାଯାଇଛି। ଅଭିଯୋଗକାରୀମାନେ ଯୁକ୍ତି କରିଛନ୍ତି ଯେ ସାଧାରଣ ବର୍ଗକୁ ଏହି ସଂଜ୍ଞାରୁ ବାଦ ଦେବା ଭେଦଭାବର କାରଣ ହେବ ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, "୨୦୨୬ ରେଗୁଲେସନ୍ସରେ ବ୍ୟାପକ ପରିଣାମ ରହିଛି ଯାହା ସମାଜକୁ ବିଭାଜିତ କରିବ ।" କୋର୍ଟ ପ୍ରଶ୍ନ କରିଛନ୍ତି: "ରାଗିଂକୁ କାହିଁକି ଛାଡ଼ି ଦିଆଯାଇଛି? ଯଦି ଜଣେ ସାଧାରଣ ବର୍ଗର ଫ୍ରେସର ଜଣେ ଅନୁସୂଚିତ ଜାତିର ସିନିୟରଙ୍କ ରାଗିଂକୁ ପ୍ରତିରୋଧ କରେ, ତେବେ କଣ ହେବ ? ବିଚାରପତି ବାଗଚୀ କହିଛନ୍ତି ଯେ କେବଳ ଜାତି ଉପରେ ଧ୍ୟାନ ଦେବା ପରିବର୍ତ୍ତେ, ନିୟମଗୁଡ଼ିକ ସର୍ବ-ଅନ୍ତର୍ଭୁକ୍ତ ଭେଦଭାବ ବିଷୟରେ ହେବା ଉଚିତ। "ଆମେ ପୃଥକ ବିଦ୍ୟାଳୟ ଏବଂ ହଷ୍ଟେଲର ପଦ୍ଧତିକୁ ଯିବା ଉଚିତ ନୁହେଁ।" କୋର୍ଟ ତିନୋଟି ଆବେଦନ - ମୃତ୍ୟୁଞ୍ଜୟ ତିୱାରୀ, ଆଡଭୋକେଟ ବିନୀତ ଜିନ୍ଦଲ ଏବଂ ରାହୁଲ ଦେୱାନଙ୍କ ଦ୍ୱାରା ଦାଖଲ - ଉପରେ ନୋଟିସ ଜାରି କରି ସଲିସିଟର ଜେନେରାଲ ତୁଷାର ମେହତାଙ୍କୁ ୟୁନିଅନ ସରକାରଙ୍କ ପ୍ରତିକ୍ରିୟା ଦାଖଲ କରିବାକୁ କହିଛନ୍ତି। ମାମଲା ମାର୍ଚ୍ଚ ୧୯, ୨୦୨୬କୁ ସ୍ଥଗିତ ରଖାଯାଇଛି। କୋର୍ଟ ଆର୍ଟିକଲ ୧୪୨ ଅଧୀନରେ ନିର୍ଦ୍ଦେଶ ଦେଇଛନ୍ତି ଯେ ୨୦୧୨ର ରେଗୁଲେସନ୍ସ ପୁନର୍ବାର ପ୍ରଭାବଶାଳୀ ହେବ ଏବଂ ଆଗକୁ ନିର୍ଦ୍ଦେଶ ପର୍ଯ୍ୟନ୍ତ ଚାଲୁ ରହିବ ।

ଟ୍ରମ୍ପଙ୍କ ଗୁପ୍ତ ବୈଠକ : ଚିନ୍ତାରେ କାନାଡା

କାନାଡାର ତୈଳ ସମୃଦ୍ଧ ପ୍ରଦେଶ ଆଲବର୍ଟା (Alberta) ଏବେ ଏକ ବଡ଼ ରାଜନୈତିକ ସଙ୍କଟ ଦେଇ ଗତି କରୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏବଂ ଆଲବର୍ଟାର ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କ ମଧ୍ୟରେ ହୋଇଥିବା ଗୁପ୍ତ ବୈଠକ ଖବର ପ୍ରକାଶ ପାଇବା ପରେ କାନାଡାରେ ହଇଚଇ ସୃଷ୍ଟି ହୋଇଛି । ଟ୍ରମ୍ପଙ୍କ ଭୂମିକା ଓ ଗୁପ୍ତ ବୈଠକ ରିପୋର୍ଟ ଅନୁସାରେ, ଟ୍ରମ୍ପ ପ୍ରଶାସନର ବରିଷ୍ଠ ଅଧିକାରୀମାନେ 'ଆଲବର୍ଟା ପ୍ରୋସପେରିଟି ପ୍ରୋଜେକ୍ଟ' (APP) ଭଳି ବିଚ୍ଛିନ୍ନତାବାଦୀ ସଙ୍ଗଠନ ସହ ଗତ କିଛି ମାସ ମଧ୍ୟରେ ଏକାଧିକ ବୈଠକ କରିଛନ୍ତି । ଏହି ବିଚ୍ଛିନ୍ନତାବାଦୀ ଗୋଷ୍ଠୀ କାନାଡାରୁ ଅଲଗା ହେବା ପାଇଁ ଏକ ଜନମତ ସଂଗ୍ରହ (Referendum) କରିବାକୁ ଚାହୁଁଛନ୍ତି ଏବଂ ଏଥିପାଇଁ ଆମେରିକାଠାରୁ ୫୦୦ ବିଲିୟନର ଋଣ ସହାୟତା ମାଗିଥିବା ଜଣାପଡ଼ିଛି । ଟ୍ରମ୍ପ ପୂର୍ବରୁ କାନାଡାକୁ ଆମେରିକାର "୫୧ତମ ରାଜ୍ୟ" ଭାବେ ଗ୍ରହଣ କରିବାକୁ ମଜାକରେ କହିଥିଲେ, କିନ୍ତୁ ବର୍ତ୍ତମାନର ଘଟଣାକ୍ରମ ଏହାକୁ ଏକ ଗମ୍ଭୀର ରୂପ ଦେଇଛି। କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନେ (Mark Carney) ଏହା ଉପରେ କଡ଼ା ଆପତ୍ତି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଆମେରିକା କାନାଡାର ସାର୍ବଭୌମତ୍ୱକୁ ସମ୍ମାନ ଦେବା ଉଚିତ୍। ବ୍ରିଟିଶ କଲମ୍ବିଆର ପ୍ରିମିୟର ଡେଭିଡ୍ ଏବି, ବିଦେଶୀ ଶକ୍ତି ସହ ମିଶି ଦେଶ ଭାଙ୍ଗିବାକୁ ଚେଷ୍ଟା କରୁଥିବା ଏହି ବିଚ୍ଛିନ୍ନତାବାଦୀଙ୍କ କାର୍ଯ୍ୟକୁ "ରାଷ୍ଟ୍ରଦ୍ରୋହ" ବୋଲି ଅଭିହିତ କରିଛନ୍ତି । ସାମ୍ପ୍ରତିକ ସର୍ଭେ ଅନୁସାରେ, ଆଲବର୍ଟାର ପ୍ରାୟ ୩୦% ଲୋକ ସ୍ୱାଧୀନତା ସପକ୍ଷରେ ଥିବାବେଳେ ବହୁ ସଂଖ୍ୟକ ଲୋକ ଏବେ ମଧ୍ୟ କାନାଡା ସହିତ ରହିବାକୁ ଚାହୁଁଛନ୍ତି । ଆଲବର୍ଟାର ଅସନ୍ତୋଷ କିଛି ନୂଆ ନୁହେଁ। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା: ତୈଳ ଓ ଗ୍ୟାସ । ଆଲବର୍ଟା କାନାଡାର ୮୫%ରୁ ଅଧିକ ତୈଳ ଉତ୍ପାଦନ କରେ, କିନ୍ତୁ ସେମାନଙ୍କ ମତରେ କାନାଡା ସରକାରଙ୍କ ପରିବେଶ ନୀତି ସେମାନଙ୍କ ଅର୍ଥନୀତିକୁ କ୍ଷତି ପହଞ୍ଚାଉଛି। ଆଲବର୍ଟା କାନାଡା ସରକାରଙ୍କୁ ବହୁତ ଟିକସ ଦିଏ, କିନ୍ତୁ ସେହି ଅନୁପାତରେ ସୁବିଧା ପାଉନାହିଁ ବୋଲି ଅଭିଯୋଗ କରିଆସୁଛି।

ବର୍ତ୍ତମାନ ବିଚ୍ଛିନ୍ନତାବାଦୀମାନେ ଏକ ଜନମତ ସଂଗ୍ରହ ପାଇଁ ପ୍ରାୟ ୧,୭୮,୦୦୦ ସ୍ୱାକ୍ଷର ସଂଗ୍ରହ କରିବା ଅଭିଯାନ ଆରମ୍ଭ କରିଛନ୍ତି । ଯଦି ଏହା ସଫଳ ହୁଏ, ତେବେ ୨୦୨୬ ଶେଷ ଭାଗରେ ଆଲବର୍ଟାରେ ବିଚ୍ଛିନ୍ନତା ପାଇଁ ଭୋଟ୍ ଗ୍ରହଣ ହୋଇପାରେ।

ପ୍ରଥମ ପୃଷ୍ଠାରୁ ...

ନାମ ପରିବର୍ତ୍ତନ ଓ 'ବିଜୁ ବାବୁ'

ଓଡ଼ିଶା ରାଜନୀତିରେ ବିଜୁ ପଟ୍ଟନାୟକ ଏକ ବିରାଟ ବ୍ୟକ୍ତିତ୍ୱ। କିନ୍ତୁ ବିଜେପି ସରକାର ଆସିବା ପରେ ବିଭିନ୍ନ ଯୋଜନା ଓ ପୁରସ୍କାରରୁ ବିଜୁ ବାବୁଙ୍କ ନାମ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଥିଲା।କ୍ରୀଡ଼ା କ୍ଷେତ୍ରରେ ଦିଆଯାଉଥିବା 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର'ର ନାମ ବଦଳାଇବାକୁ ସରକାର ନିଷ୍ପତ୍ତି ନେଇଥିଲେ। ସେହିପରି 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' କୁ ବନ୍ଦ କରି 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଆଣିବାକୁ ଘୋଷଣା କରାଗଲା। 'ମୋ ବସ୍' ଏବଂ 'ଲକ୍ଷ୍ମୀ ବସ୍'ର ନାମକରଣ ଓ ରଙ୍ଗ ବଦଳାଇବାକୁ ମଧ ଉଦ୍ୟମ ହେଲା।ଯଦିଓ ନୂଆ ଯୋଜନା ଆଣିବାରେ କୌଣସି ଅସୁବିଧା ନାହିଁ, କିନ୍ତୁ ଏକ ପ୍ରତିଷ୍ଠିତ ନାମକୁ ହଟାଇବାକୁ ନେଇ ଓଡ଼ିଶାର ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ବିଜେଡି ଏହାକୁ 'ଓଡ଼ିଶାର ବରପୁତ୍ରଙ୍କ ପ୍ରତି ଅପମାନ' ବୋଲି କହି ଆନ୍ଦୋଳନ କରିଥିଲା। ଫଳରେ ସରକାରଙ୍କୁ ଅନେକ କ୍ଷେତ୍ରରେ ସତର୍କତାର ସହ ପାଦ ପକାଇବାକୁ ପଡ଼ିଥିଲା ଏବଂ କିଛି ନିଷ୍ପତ୍ତିରେ ପରିବର୍ତ୍ତନର ଆଭାସ ମିଳିଥିଲା।

ଟ୍ରାଏଲ ଆଣ୍ଡ ..

ଓଡ଼ିଶା ବିଜେପି ସରକାରଙ୍କ ପ୍ରଥମ ଅଠର ମାସର ଶାସନ ଏକ ସ୍ପଷ୍ଟ ପାଟର୍ଣ୍ଣ ପ୍ରକାଶ କରିଛି । ପ୍ରଥମେ ଉଚ୍ଚ ପ୍ରତିଶ୍ରୁତି, ପରେ ପରିବର୍ତ୍ତିତ କାର୍ଯ୍ୟକାରିତା, ଏବଂ ଶେଷରେ ଜନଚାପ ବା ନ୍ୟାୟିକ ହସ୍ତକ୍ଷେପ ପରେ ପଛଘୁଞ୍ଚା । ସୁଭଦ୍ରା ଯୋଜନାରେ ୫୦,୦୦୦ ଟଙ୍କାର ବଣ୍ଟନ ଅବଧି ପାଞ୍ଚ ବର୍ଷକୁ ବିସ୍ତାର, ଧାନ କ୍ରୟରେ ୧୫୦ କ୍ୱିଣ୍ଟାଲ ସୀମା, ପଲ୍ୟୁସନ ସାର୍ଟିଫିକେଟ ନୀତିରେ ବାରମ୍ବାର ପରିବର୍ତ୍ତନ, ବିଧାୟକ ବେତନ ବୃଦ୍ଧି U-ଟର୍ନ - ଏସବୁ ଗଭୀର ପ୍ରଶାସନିକ ଅଦକ୍ଷତା ଓ ନୀତି ଦୂରଦର୍ଶିତାର ଅଭାବକୁ ସୂଚାଏ। ଯେଉଁ ସରକାର "ଡବଲ ଇଞ୍ଜିନ" ବିକାଶର ପ୍ରତିଶ୍ରୁତି ନେଇ କ୍ଷମତାକୁ ଆସିଥିଲା, ତାହା ବର୍ତ୍ତମାନ ନିଜର ନିର୍ବାଚନୀ ପ୍ରତିଶ୍ରୁତିର କାର୍ଯ୍ୟକାରିତା, ମୌଳିକ ପ୍ରଶାସନିକ ନିଷ୍ପତ୍ତି ଏବଂ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାରେ ସଂଘର୍ଷ କରୁଛି। ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଏହି ପଛଘୁଞ୍ଚାକୁ "ଜୁମଲା ସରକାର" ଓ "ପ୍ରତିଶ୍ରୁତି ବିଶ୍ୱାସଘାତକତା"ର ପ୍ରମାଣ ବୋଲି ଚିହ୍ନଟ କରିଛନ୍ତି। ଯଦି ଏହି ପ୍ରବୃତ୍ତି ଜାରି ରହେ, ତେବେ ନିର୍ବାଚନୀ ପ୍ରତିଶ୍ରୁତି ଓ ଶାସନର ବାସ୍ତବତା ମଧ୍ୟରେ ଏହି ବୃଦ୍ଧି ପାଉଥିବା ବ୍ୟବଧାନ କେବଳ ସରକାରଙ୍କ ବିଶ୍ୱସନୀୟତାକୁ କ୍ଷୟ କରିବ ନୁହେଁ, ବରଂ ଓଡ଼ିଶାର ସାଧାରଣ ମହିଳା, ଚାଷୀ ଓ ନାଗରିକଙ୍କ ଆଶା ଓ ଆକାଂକ୍ଷାକୁ ମଧ ଧକ୍କା ଦେବ। ସରକାର ପ୍ରଥମେ କଡ଼ା ନିଷ୍ପତ୍ତି ନେଇ ଜନମତ ପରଖୁଛନ୍ତି। ଯଦି ବିରୋଧ ହେଉଛି, ତେବେ ପଛକୁ ହଟିଯାଉଛନ୍ତି। ଗଣତନ୍ତ୍ରରେ ଜନମତକୁ ସମ୍ମାନ ଦେବା ଭଲ କଥା, କିନ୍ତୁ ବାରମ୍ବାର ନିଷ୍ପତ୍ତି ବଦଳାଇବା ସରକାରଙ୍କୁ 'ଦୁର୍ବଳ' ଓ 'ଅସ୍ଥିର' ଭାବେ ଚିତ୍ରିତ କରୁଛି । ଏହାକୁ କେହି କେହି ଏଲୋପଥିକ ଔଷଧ ସହ ତୁଳନା କରି ଟ୍ରାଏଲ ଆଣ୍ଡ ଏରର ସରକାର ବୋଲି କହିବା ଆରମ୍ଭ କଲେଣି ।

ପାର୍କିଂ ଫି ବିବାଦ

ପୁରୀ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା 'ଭକ୍ତ ନିବାସ'ଗୁଡ଼ିକରେ (ନୀଳାଦ୍ରି, ନୀଳାଚଳ, ଗୁଣ୍ଡିଚା ଓ ପୁରୁଷୋତ୍ତମ ଭକ୍ତ ନିବାସ) ଏହି ପାର୍କିଂ ଫି ବୃଦ୍ଧି କରାଯାଇଥିଲା । ସରକାର ହଠାତ୍ ୪-ଚକିଆ ଯାନ ପାଇଁ ପାର୍କିଂ ଫି'କୁ ୫୦୦ ଟଙ୍କା (୨୪ ଘଣ୍ଟା ପାଇଁ) କରିଦେଇଥିଲେ। ଏହା ସହିତ ୧୮% ଜିଏସଟି ମଧ ଅନ୍ତର୍ଭୁକ୍ତ ଥିଲା । ସାଧାରଣତଃ ଭକ୍ତ ନିବାସରେ ରହୁଥିବା ଅତିଥିମାନଙ୍କ ପାଇଁ ପାର୍କିଂ ବ୍ୟବସ୍ଥା ମାଗଣା କିମ୍ବା ବହୁତ କମ୍ ଥିଲା। ଅନ୍ୟ ପକ୍ଷରେ, ଜଗନ୍ନାଥ ବଲ୍ଲଭ ପାର୍କିଂ ଷ୍ଟାଣ୍ଡରେ ଏହି ଦର ୨୫୦ ଟଙ୍କା ରହିଥିଲା। ହଠାତ୍ ୫୦୦ ଟଙ୍କା କରିଦେବା ଫଳରେ ଏହା ଭୁବନେଶ୍ୱର ଏୟାରପୋର୍ଟ ପାର୍କିଂ ଫି'ଠାରୁ (ପ୍ରାୟ ୧୭୫ ଟଙ୍କା) ମଧ ତିନିଗୁଣ ଅଧିକ ହୋଇଯାଇଥିଲା । ପ୍ରବଳ ଜନଅସନ୍ତୋଷ ଏବଂ ବିରୋଧ ପରେ ସରକାର ଏହି ଦରକୁ କମାଇ ୨୪୦ ଟଙ୍କା କରିଛନ୍ତି ।

ପ୍ରଥମ ପୃଷ୍ଠାରୁ ...

ପିୟୁସି ଲଜ୍ଜ୍ୟା ..



କରିନେଲେ । ସରକାରଙ୍କ ପରିବହନ ପୋର୍ଟାଲରେ ଏମିତି ଏକ ବ୍ୟବସ୍ଥା କରାଗଲା ଯେ, ଯଦି ଆପଣ ଅନ୍ୟ କୌଣସି ଜରିମାନା (ଯେପରିକି ହେଲମେଟ୍ ନପିନ୍ଧିବା କିମ୍ବା ରଙ୍ଗ୍ ରୁଟ୍ ଡ୍ରାଇଭିଂ) ପୈଠ କରି ନାହାନ୍ତି ତେବେ ଆପଣଙ୍କୁ ପ୍ରଦୂଷଣ ସାର୍ଟିଫିକେଟ ମିଳିବ ନାହିଁ । ଏହା ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା । ହାଇକୋର୍ଟ ସରକାରଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରି କହିଥିଲେ । କୋର୍ଟଙ୍କ ନିର୍ଦ୍ଦେଶ ପରେ ସରକାର ତୁରନ୍ତ ପୋର୍ଟାଲରେ ପରିବର୍ତ୍ତନ କଲେ। ଏହା ସରକାରଙ୍କ ଆଇନଗତ ପରାମର୍ଶଦାତା ଏବଂ ନୀତି ନିର୍ଦ୍ଧାରକଙ୍କ ଦୂରଦୃଷ୍ଟିହୀନତାକୁ ପଦାରେ ପକାଇଥିଲା ।

ସ୍ୱାବଲମ୍ବୀ ..

ମହିଳାମାନଙ୍କ ମଧ୍ୟରେ ଏକ ବଡ଼ ଆଶା ସଞ୍ଚାର କରିଥିଲା।ଲୋକଙ୍କ ବୁଝିବା ଅନୁସାରେ, ଏହି ୫୦,୦୦୦ ଟଙ୍କା ଏକକାଳୀନ ମିଳିବ। ଯାହାଦ୍ୱାରା ଗ୍ରାମାଞ୍ଚଳର ମହିଳାମାନେ ଗାଈ କିଣିବା, ଛୋଟ ଦୋକାନ କରିବା, ସିଲେଇ ମେସିନ କିଣିବା କିମ୍ବା ଅନ୍ୟ କୌଣସି କୁଟୀର ଶିଳ୍ପ ଆରମ୍ଭ କରିପାରିବେ। ଏହା ଥିଲା ମହିଳା ସଶକ୍ତିକରଣର ଏକ ବଡ଼ ସ୍ୱପ୍ନ। କିନ୍ତୁ ସରକାରକୁ ଆସିବା ପରେ ଯେତେବେଳେ ଯୋଜନାର ରୂପରେଖପ୍ରକାଶ ପାଇଲା, ସେତେବେଳେ "କ୍ୟାଶ୍ ଭାଉଚର" ଶବ୍ଦଟି ହଜିଯାଇଥିଲା।୫୦,୦୦୦ ଟଙ୍କା ଥରକେ ନୁହେଁ, ବରଂ ୫ ବର୍ଷରେ ମିଳିବ। ବର୍ଷକୁ ୧୦,୦୦୦ ଟଙ୍କା। ଏହା ପୁଣି ଦୁଇ ଭାଗରେ ବିଭକ୍ତ—ରାକ୍ଷୀ ପୂର୍ଣ୍ଣିମାରେ ୫,୦୦୦ ଏବଂ ମହିଳା ଦିବସରେ ୫,୦୦୦।୫,୦୦୦ ଟଙ୍କା ଆଜିର ମହଙ୍ଗା ଯୁଗରେ କେବଳ ଘରକରଣା ସାମଗ୍ରୀ, ପିଲାଙ୍କ ପାଠପଢ଼ା କିମ୍ବା ଔଷଧ ଖର୍ଚ୍ଚରେ ଶେଷ ହୋଇଯିବ। ଏଥିରେ କୌଣସି ସ୍ଥାୟୀ ସମ୍ପତ୍ତି ସୃଷ୍ଟିଅସମ୍ଭବ। ଗୋଟିଏ ଭଲ ସିଲେଇ ମେସିନର ଦାମ୍ ମଧ ୮ରୁ ୧୦ ହଜାର ଟଙ୍କା। ତେଣୁ ସରକାର ଯେଉଁ 'ଲକ୍ଷପତି ଦିଦି' ବା 'ଉଦ୍ୟୋଗୀ ମହିଳା'ର କଥା କହୁଥିଲେ, ତାହା କେବଳ ଏକ ସାମାଜିକ ସୁରକ୍ଷା ଭତ୍ତାରେ ସୀମିତ ହୋଇଗଲା। ବିରୋଧୀ ଦଳ ଏହାକୁ "ମା' ମାନଙ୍କ ସହ ବିଶ୍ୱାସଘାତକତା" ବୋଲି କହିବା ସହ ସରକାର ନିଜ ପ୍ରତିଶ୍ରୁତିରୁ ଓହରି ଯାଇଥିବା ଅଭିଯୋଗ କରିଥିଲେ।

ମଦ: ରାଜସ୍ୱ ..

ନୀତି ଘୋଷଣା ହେଲା, ସେଥିରେ ମଦ ବନ୍ଦ କରିବାର କୌଣସି ନିର୍ଦ୍ଦିଷ୍ଟ ରୂପରେଖ ନଥିଲା। ବରଂ ରାଜସ୍ୱ ବୃଦ୍ଧି ପାଇଁ କିପରି ଅଧିକ ବିକ୍ରି ହେବ, ସେ ଦିଗରେ ପରୋକ୍ଷ ବ୍ୟବସ୍ଥା ଥିଲା। ନିକଟରେ ଡ୍ୟାନ୍ସ ବାର୍ ଗୁଡ଼ିକ ଉପରେ କଟକଣା ଲଗାଇବା କଥା କୁହାଗଲା, କିନ୍ତୁ ପୁଣି ସେଥିରେ କୋହଳ ମନୋଭାବ ଦେଖାଗଲା। 'ଓଡ଼ିଆ ଅସ୍ମିତା' ଏବଂ 'ସଂସ୍କୃତି ସୁରକ୍ଷା' ନାରା ଦେଇ ଆସିଥିବା ସରକାର ମଦ ବିକ୍ରି ବନ୍ଦ କରିବା ବଦଳରେ ରାଜସ୍ୱକୁ ଗୁରୁତ୍ୱ ଦେବା, କଥା ଓ କାମ ମଧ୍ୟରେ ଥିବା ତାରତମ୍ୟକୁ ସୂଚାଉଛି।

ଏମଏସପି ..

ଯୋଗାଣ ମନ୍ତ୍ରୀଙ୍କ ଏକ ବୟାନ ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପକାଇଥିଲା। ସୂଚନା ଦିଆଯାଇଥିଲା ଯେ, "ବଡ଼ ଚାଷୀ(୧୫୦ କୁଇଣ୍ଟାଲରୁ ଅଧିକ ବିକିଲେ)ମାନଙ୍କୁ ଏହି ବର୍ଦ୍ଧିତ ଏମଏସପି (୩୧୦୦ ଟଙ୍କା) ମିଳିବ ନାହିଁ। କେବଳ ୨୩୬୯ ଟଙ୍କା ପାଇବେ । "ଓଡ଼ିଶାରେ ଜମିଦାରୀ ପ୍ରଥା ଉଚ୍ଛେଦ ପରେ ବହୁତ କମ୍ ଚାଷୀଙ୍କ ପାଖରେ ବିରାଟ ପରିମାଣର ଜମି ଅଛି। ତଥାପି, ଯେଉଁମାନେ ଅଧିକ ପରିଶ୍ରମ କରି ଅଧିକ ଅମଳ କରୁଛନ୍ତି, ସେମାନଙ୍କୁ ଦଣ୍ଡିତ କରାଯିବା କେତେଦୂର ଯୁକ୍ତିଯୁକ୍ତ? ବାସ୍ତବରେ ମଣ୍ଡିରେ ଏବେ ମଧ 'କଟନୀ-ଛଟନୀ' (ମାନ ନିର୍ଦ୍ଧାରଣ ନାଁରେ ଧାନ କାଟିବା) ବନ୍ଦ ହୋଇନାହିଁ। ସରକାର କହିଥିଲେ ଏଫଏକ୍ୟୁମାନର ଧାନରେ କୌଣସି କଟାଯିବ ନାହିଁ, କିନ୍ତୁ ମିଲରମାନଙ୍କ ଦୌରାତ୍ମ୍ୟ ଯୋଗୁଁ ଚାଷୀ ହଇରାଣ ହେଉଛନ୍ତି। ଏହା ସରକାରଙ୍କ ପରିଚାଳନାଗତ ଦୁର୍ବଳତାକୁ ଦର୍ଶାଉଛି।

ରତ୍ନ ଭଣ୍ଡାର ..

ମୂଲ୍ୟାୟନ ପ୍ରକ୍ରିୟାରେ ଯେଉଁ ବିଳମ୍ବ ଘଟୁଛି, ତାହାକୁ ନେଇ ପ୍ରଶ୍ନ ଉଠୁଛି। ନିର୍ବାଚନ ପୂର୍ବରୁ 'ଚାବି ହଜିବା' ଏବଂ 'ରତ୍ନ ଚୋରି' ନେଇ ବିଜେପି ଯେଉଁ ଅଭିଯୋଗ ଆଣିଥିଲା, ସରକାରକୁ ଆସିବା ପରେ ସେ ଦିଗରେ କୌଣସି ଠୋସ୍ ତଦନ୍ତ ବା ଖୁଲାସା କରାଯାଇନାହିଁ। ଲୋକେ ଆଶା କରୁଥିଲେ ଯେ ରତ୍ନଭଣ୍ଡାର ଖୋଲିବା ମାତ୍ରେ ସବୁ ସତ ସାମ୍ନାକୁ ଆସିବ। କିନ୍ତୁ ସରକାର ଏବେ ଏହି ପ୍ରସଙ୍ଗରେ 'ଧୀର ନୀତି' ଅବଲମ୍ବନ କରୁଥିବା ମନେହୁଏ।

ରଙ୍ଗ ବିବାଦ ..

ପ୍ରସାରିତ ହେଲା। ପୂର୍ବ ସରକାରଙ୍କ 'ହଣ୍ଟର ଗ୍ରୀନ୍' ରଙ୍ଗକୁ ବଦଳାଇବା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିଯୋଗ ହେଲା। ଏହାଛଡ଼ା, ଏତେ କମ୍ ସମୟ ମଧ୍ୟରେ ଲକ୍ଷ ଲକ୍ଷ ପିଲାଙ୍କ ପାଇଁ ନୂଆ ୟୁନିଫର୍ମ ଯୋଗାଡ଼ କରିବା ଏକ ବଡ଼ ଆର୍ଥିକ ବୋଝ ଥିଲା। ସମାଲୋଚନା ପରେ ସରକାର ଏ ବିଷୟରେ ଧୀରେ ଚଲୋ ନୀତି ଆପଣାଇଲେ। ଯଦିଓ ପରିବର୍ତ୍ତନର ସୂଚନା ଥିଲା, କିନ୍ତୁ ତୁରନ୍ତ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ କରିବା ନିଷ୍ପତ୍ତିରୁ ସରକାରଙ୍କୁ କିଛି ମାତ୍ରାରେ ବିରତ ରହିବାକୁ ପଡ଼ିଲା।

ଭଦ୍ରକ ହୋମଗାର୍ଡ ନିଯୁକ୍ତି ପ୍ରସଙ୍ଗ

RTIରେ ତଥ୍ୟ ଲୁଚାଉଛି ପୋଲିସ !

ଭଦ୍ରକରୁ ରମେଶ କୁମାର ମଲ୍ଲିକ

ଭଦ୍ରକ ଜିଲ୍ଲାରେ ହୋମଗାର୍ଡ ନିଯୁକ୍ତିକୁ ନେଇ ଉଠିଥିବା ଦୁର୍ନୀତି ଅଭିଯୋଗ ଥମିବାର ନାଁ ନେଉନାହିଁ। ଗୋଟିଏ ପଟେ ନିଯୁକ୍ତି ପାଇଁ ଲାଞ୍ଚ କାରବାରର ଅଡିଓ ଭାଇରାଲ ହେବା ଏବଂ ଅନ୍ୟପଟେ ସୂଚନା ଅଧିକାର ଆଇନ (RTI) ବଳରେ ତଥ୍ୟ ମାଗିଲେ ପୋଲିସ ବିଭାଗର କୌଶଳପୂର୍ଣ୍ଣ ଉତ୍ତର ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ଏଭଳି ସମ୍ବେଦନଶୀଳ ଘଟଣାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ନୀରବତା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

କିଛି ଦିନ ତଳେ ନିଯୁକ୍ତି ପାଇଁ ଟଙ୍କା କାରବାର ନେଇ ଜଣେ ଅଧିକାରୀଙ୍କ ଅଡିଓ କ୍ଲିପ୍ ଭାଇରାଲ ହୋଇଥିଲା। ଏହା ପରେ ଲୋକଲଜ୍ଜା ଓ ଚାପରେ ପଡ଼ି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ସତ, କିନ୍ତୁ ପ୍ରକୃତରେ ଯୋଗ୍ୟ ପ୍ରାର୍ଥୀ ବଞ୍ଚିତ ହୋଇଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇପାରିଲାନାହିଁ । ଏହି ଘଟଣା ପ୍ରମାଣିତ କରୁଛି ଯେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ରହିଛି ।

ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତାକୁ ନେଇ ଆଶାୟୀ ପ୍ରାର୍ଥୀ ଶ୍ରୀ ରଶ୍ମି ସେନାପତି ଯେତେବେଳେ RTI ମାଧ୍ୟମରେ ତଥ୍ୟ ମାଗିଥିଲେ, ସେତେବେଳେ ବିଭାଗ ପକ୍ଷରୁ ମିଳିଥିବା ଉତ୍ତର (ପତ୍ର ସଂଖ୍ୟା ୦୮/RO.H.G, ତା- ୧୯/୦୧/୨୦୨୬) ଅଧିକ ସନ୍ଦେହ ସୃଷ୍ଟି କରିଛି। ଏଥିରେ ଦର୍ଶାଇଛି ଯେ ହୋମଗାର୍ଡ ସଂସ୍ଥା ଏକ "ସ୍ୱେଚ୍ଛାସେବୀ" (Volunteers) ସଂଗଠନ, ତେଣୁ ଏଥିରେ କୌଣସି "ଆରକ୍ଷଣ" (Reservation) ବ୍ୟବସ୍ଥା ନାହିଁ । ସେହିପରି ସମସ୍ତ ପ୍ରାର୍ଥୀଙ୍କ ମାର୍କ ତାଲିକା ସାର୍ବଜନୀନ କରିବା ବଦଳରେ, RTI ନିୟମର ସେକ୍ସନ ୨(ଜ) (Section 2(j)) ର ଦ୍ୱାହି ଦେଇ ପ୍ରାର୍ଥୀଙ୍କୁ ନିଜେ ଅଫିସ ଆସି ନିଜର ମାର୍କ ଓ ତଥ୍ୟ ଦେଖିବାକୁ କୁହାଯାଇଛି ।

ଏହା ପରୋକ୍ଷରେ ଦୁର୍ନୀତିକୁ ଲୁଚାଇବାର ଏକ ପ୍ରୟାସ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଯଦି ନିଯୁକ୍ତି ସ୍ୱଚ୍ଛ ହୋଇଛି, ତେବେ ସମସ୍ତଙ୍କ ମାର୍କ ତାଲିକା (Merit List) ସାର୍ବଜନୀନ କରିବାରେ ଅସୁବିଧା କେଉଁଠି?

ବହୁ ସମୟରେ ପୋଲିସ ଓ ପ୍ରଶାସନ RTI ଆଇନର ଧାରା ୮ (Section 8) ବ୍ୟବହାର କରି ତଥ୍ୟ ଦେବାକୁ ମନା କରନ୍ତି । ଏହି ମାମଲାରେ ଏହାର ଆଇନଗତ ଦିଗଗୁଡ଼ିକ ହେଲା: ଧାରା ୮(୧)(ଜ) - ବ୍ୟକ୍ତିଗତ ଗୋପନୀୟତା: କର୍ତ୍ତୃପକ୍ଷ ପ୍ରାୟତଃ ଅନ୍ୟ ପ୍ରାର୍ଥୀଙ୍କ ମାର୍କକୁ "ବ୍ୟକ୍ତିଗତ ତଥ୍ୟ" କହି ଲୁଚାଇବାକୁ ଚେଷ୍ଟା କରନ୍ତି। କିନ୍ତୁ ସୁପ୍ରିମକୋର୍ଟ ଏବଂ ସୂଚନା କମିଶନଙ୍କ ବିଭିନ୍ନ ରାୟ ଅନୁଯାୟୀ, କୌଣସି ସରକାରୀ ନିଯୁକ୍ତି ବା ଚୟନ ପ୍ରକ୍ରିୟାରେ ମନୋନୀତ ପ୍ରାର୍ଥୀଙ୍କ ଯୋଗ୍ୟତା ଓ ମାର୍କ ଜାଣିବା ଜନସାଧାରଣଙ୍କ ଅଧିକାର ଅଟେ । ଏହା "ବ୍ୟକ୍ତିଗତ ଗୋପନୀୟତା" ପରିସରଭୁକ୍ତ ନୁହେଁ କାରଣ ଏହା ସାର୍ବଜନୀନ ସ୍ୱାର୍ଥ (Public Interest) ସହ ଜଡିତ ।

କେରଳ ପବ୍ଲିକ ସର୍ଭିସ କମିଶନ ବନାମ ଷ୍ଟେଟ ଇନଫରମେସନ କମିଶନ (୨୦୧୬) ମାମଲାରେ କେରଳ PSC ଯୁକ୍ତି ଦର୍ଶାଇଥିଲା ଯେ ପରୀକ୍ଷାର୍ଥୀ ଏବଂ କମିଶନଙ୍କ ମଧ୍ୟରେ ଏକ "ବିଶ୍ୱାସଭିତ୍ତିକ ସମ୍ପର୍କ" (Fiduciary Relationship - Section 8(1)(e)) ରହିଛି, ତେଣୁ ମାର୍କ କିମ୍ବା ଉତ୍ତର ଖାତା ଅନ୍ୟ କାହାକୁ ଦିଆଯାଇପାରିବ ନାହିଁ । କିନ୍ତୁ ମାନ୍ୟବର ସୁପ୍ରିମକୋର୍ଟ ଏହି ଯୁକ୍ତିକୁ ଖାରଜ କରିଦେଇଥିଲେ । କୋର୍ଟ ସ୍ପଷ୍ଟ କରିଥିଲେ ଯେ ସରକାରୀ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ RTI ଆଇନ ଅଧୀନରେ ତଥ୍ୟ ଦେବା ବାଧ୍ୟତାମୂଳକ । ଏହା କୌଣସି ବ୍ୟକ୍ତିଗତ ଗୋପନୀୟତା ନୁହେଁ ।

ସେହିପରି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ (C BSE) ବନାମ ଆଦିତ୍ୟ ବନ୍ଦୋପାଧ୍ୟାୟ (୨୦୧୧) ମାମଲାରେ କୋର୍ଟ କହିଥିଲେ ଯେ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା (Public Authority) RTI ଆଇନ ପରିସରଭୁକ୍ତ । ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଆଣିବାକୁ ହେଲେ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ଲୁଚାଯାଇପାରିବ ନାହିଁ । ସେହିପରି ରାଜୀବ କୁମାର ବନାମ ଭାରତ ସରକାର (ଦିଲ୍ଲୀ ହାଇକୋର୍ଟ) ମାମଲାରେ IIT ପ୍ରବେଶିକା ପରୀକ୍ଷାରେ ମାର୍କ ଏବଂ ର‌୍ୟାଙ୍କ ଜାଣିବା ପାଇଁ ଆବେଦନ ହୋଇଥିଲା। ଦିଲ୍ଲୀ ହାଇକୋର୍ଟ ସ୍ପଷ୍ଟ କରିଥିଲେ ଯେ ଯେତେବେଳେ କୌଣସି ଚୟନ ପ୍ରକ୍ରିୟା (Selection Process) ସରିଯାଏ, ସେତେବେଳେ ମନୋନୀତ ହୋଇଥିବା ପ୍ରାର୍ଥୀଙ୍କ ତଥ୍ୟ "ବ୍ୟକ୍ତିଗତ ତଥ୍ୟ" (Personal Information) ହୋଇ ରହେନାହିଁ । ଦୁର୍ନୀତି ରୋକିବା ପାଇଁ ମେରିଟ୍ ଲିଷ୍ଟ (Merit List) ସାର୍ବଜନୀନ ହେବା ଆବଶ୍ୟକ ।

ଯଦିଓ ଅଧିକାରୀମାନେ ଧାରା ୮(୧)(ଜ) ବ୍ୟବହାର କରି ତଥ୍ୟ ମନା କରନ୍ତି, କିନ୍ତୁ ଏହି ଧାରାର ଶେଷରେ ଏକ ଗୁରୁତ୍ୱପୂର୍ଣ୍ଣ ବାକ୍ୟ (Proviso) ଲେଖାଅଛି :

"Provided that the information which cannot be denied to the Parliament or a State Legislature shall not be denied to any person. " (ଅର୍ଥାତ୍: ଯେଉଁ ତଥ୍ୟ ସଂସଦ କିମ୍ବା ବିଧାନସଭାକୁ ଦେବାକୁ ମନା କରାଯାଇ ପାରିବ ନାହିଁ, ତାହା ସାଧାରଣ ନାଗରିକଙ୍କୁ ମଧ୍ୟ ମନା କରାଯାଇ ପାରିବ ନାହିଁ।) ଯୁକ୍ତି : ଗୋଟିଏ ସରକାରୀ ନିଯୁକ୍ତିରେ କିଏ କେତେ ମାର୍କ ରଖି ଚାକିରି ପାଇଲା , ଏହି ପ୍ରଶ୍ନ ଯଦି ବିଧାନସଭାରେ ପଚରାଯାଏ, ତେବେ ମନ୍ତ୍ରୀ ଉତ୍ତର ଦେବାକୁ ବାଧ୍ୟ। ତେଣୁ ଏହି ତଥ୍ୟ ଆପଣଙ୍କୁ ମଧ୍ୟ ମିଳିବା ଦରକାର। ଭାରତ ସରକାରଙ୍କ କାର୍ମିକ ବିଭାଗ (DoPT) ପକ୍ଷରୁ O.M. No. 1/6/2011-IR (Date: 15.04.2013) ରେ ନିର୍ଦ୍ଦେଶ ଦିଆଯାଇଛି ଯେ ସମସ୍ତ ସରକାରୀ ଚୟନ ପ୍ରକ୍ରିୟାର ଫଳାଫଳ (ମାର୍କ ସହ) ସ୍ୱତଃପ୍ରବୃତ୍ତ ଭାବେ (Suo-motu Disclosure) ୱେବସାଇଟରେ ପ୍ରକାଶ କରିବାକୁ ହେବ, ଯାହାଦ୍ୱାରା RTI ପକାଇବାର ଆବଶ୍ୟକତା ପଡ଼ିବ ନାହିଁ ।

ସେହିପରି ଚିଠିରେ ଉଲ୍ଲେଖ ଅଛି ଯେ ହୋମଗାର୍ଡ ଏକ "ସ୍ୱେଚ୍ଛାସେବୀ ସଂଗଠନ" ହୋଇଥିବାରୁ ଆରକ୍ଷଣ ନାହିଁ । କିନ୍ତୁ ସରକାରୀ ପ୍ରକ୍ରିୟାରେ ନିଯୁକ୍ତି/ଚୟନ ହେଉଥିବାରୁ ଏଥିରେ ସମ୍ବିଧାନର ସମାନତା ଅଧିକାର ଲାଗୁ ହେବା କଥା। ସ୍ୱଚ୍ଛତା ବଜାୟ ରଖିବା ପାଇଁ ମାର୍କ ଲିଷ୍ଟ ପ୍ରକାଶ କରିବା ନିହାତି ଜରୁରୀ ।

ଏତେ ବଡ଼ ଅଭିଯୋଗ ପରେ ମଧ୍ୟ ଏସପି ମନୋଜ ରାଉତ ଗଣମାଧ୍ୟମକୁ କୌଣସି ସ୍ପଷ୍ଟୀକରଣ ନ ଦେବା ଘଟଣାକୁ ଆହୁରି ରହସ୍ୟମୟ କରିଛି। ଜଣେ ଜିଲ୍ଲା ମୁଖିଆ ଭାବେ ତାଙ୍କର ଦାୟିତ୍ୱ ହେଉଛି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା । କିନ୍ତୁ ତାଙ୍କର ନୀରବତା ପରୋକ୍ଷରେ ଦୁର୍ନୀତିଖୋର ଅଧିକାରୀଙ୍କୁ ସୁରକ୍ଷା ଦେଉଥିବା ଭଳି ମନେ ହେଉଛି ।

ଭଦ୍ରକ ହୋମଗାର୍ଡ ନିଯୁକ୍ତି ଏବେ କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଏକ ବଡ଼ ଦୁର୍ନୀତିର ରୂପ ନେଇଛି। RTI ଆଇନର ଅପବ୍ୟବହାର କରି ତଥ୍ୟ ଲୁଚାଇବା ଏବଂ ବରିଷ୍ଠ ଅଧିକାରୀଙ୍କ ନୀରବତା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ତୁରନ୍ତ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସମସ୍ତ ପ୍ରାର୍ଥୀଙ୍କ ମାର୍କ ତାଲିକା ସାର୍ବଜନୀନ କରାଯାଉ ବୋଲି ଦାବି ଜୋର ଧରିଛି।

ଭଦ୍ରାୟଣୀ : ସ୍ୱାମୀ ପଛେ ମରୁ , ସଉତୁଣୀ ..

ଭଦ୍ରକରୁ ଶ୍ୟାମସୁନ୍ଦର ଦାସ

ପ୍ରତିବର୍ଷ ପରି ଚଳିତ ବର୍ଷ ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ପାଳିତ ହୋଇଯାଇଛି । ପ୍ରତିଥର ପରି ବିବାଦ କିନ୍ତୁ ଭଦ୍ରାୟଣୀ ପିଛା ଛାଡିନି । ଏଥର ଆର୍ଥିକ ଅନିୟମିତତା ଅପେକ୍ଷା ରାଜନୈତିକ ଆକ୍ରୋଶକୁ ନେଇ ବିବାଦ ବଢି ଯାଇଥିଲା । ସ୍ୱାମୀ ପଛେ ମରୁ ସଉତୁଣୀ .. ନ୍ୟାୟରେ ଶାସକ ଦଳର ବିଧାୟକ ଓ ନେତାଙ୍କ ଅସହିଷ୍ଣୁତା ଦେଖିବାକୁ ମିଳିଲା ବୋଲି ଚର୍ଚ୍ଚା ହେଉଛି । ଗୋଟିଏ ଦିନ ବିଜେଡ଼ି ନେତାଙ୍କୁ ଟାର୍ଗେଟ କରି ପ୍ରଶାସନକୁ ମିଛି ମିଛିକା ଦୋଷ ଦେଇ ଗଣ୍ଡଗୋଳ ହେଲା ବୋଲି ଚର୍ଚ୍ଚା ହେଉଛି । ସଦର ବିଧାୟକ ବିଜେପିର । ବିଜେପି ରାଜ୍ୟ ସଭାପତି ଭଦ୍ରକ ଜିଲ୍ଲାର । ଜଣେ ମନ୍ତ୍ରୀବି ଭଦ୍ରକ ଜିଲାରୁ । ସାଂସଦ ବି ବିଜେପିର । ତେବେ ଗଣ୍ଡଗୋଳ କରିବାକୁ ସାହସ ଦେଲା କିଏ ବୋଲି ପ୍ରଶ୍ନ ଉଠିଲା । ଉତ୍ତର ଖୋଜା ଚାଲିଲା । ଉତ୍ତର ଏ ଯାଏ ମିଳିନି । କିନ୍ତୁ ଲୋକଙ୍କର ଏହି ପ୍ରଶ୍ନକୁ ସାମନା କରିବାକୁ ସାଂସଦ ଅଭିମନ୍ୟୁ ସେଠୀ କହିଲେ ଯିଏ ବିଶୃଙ୍ଖଳା କରିଛି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ହେଲେ ନେବ କିଏ ? ତାହା ଏବେ ବି ପ୍ରଶ୍ନବାଚୀ । କିନ୍ତୁ ଚର୍ଚ୍ଚା ଚାଲିଛି ଏଭଳି ବିସ୍ଫୋରଣ ପଛରେ କୁଆଡେ ବିଜେଡ଼ି ନେତା ବ୍ୟୋମକେଶ ଦାୟୀ । ଯେଉଁ ଦିନ ଗଣ୍ଡଗୋଳ ଘଟିଲା ତାହାର ପୂର୍ବଦିନ ମଞ୍ଚରେ ମନ୍ତ୍ରୀ କି ସାଂସଦ ନ ଥିଲେ । ବରିଷ୍ଠତା ଦୃଷ୍ଟିରୁ କୁଆଡେ ପ୍ରଶାସନ ବ୍ୟୋମକେଶକୁ ଗୁରୁତ୍ୱ ଦେଇ ମୁଖ୍ୟ ଅତିଥି କରିଥିଲେ । ବ୍ୟୋମକେଶ ରାଜ୍ୟ ସଭାପତିଙ୍କୁ ପରାଜିତ କରିଛନ୍ତି । ଯିଏ ଗଣ୍ଡଗୋଳ କଲେ ସେମାନେ ଜଣେ ବିଧାୟକଙ୍କ କଟ୍ଟର ସମର୍ଥକ । ସେହି ବିଧାୟକ ମଧ୍ୟ ରାଜ୍ୟ ସଭାପତିଙ୍କ ଘନିଷ୍ଠ । ତେଣୁ ବ୍ୟୋମକେଶଙ୍କୁ ନେଇ ହଠାତ ଆଲର୍ଜୀ ହୋଇଥିବ । ଆଲର୍ଜୀ ହେଲେ କୁଣ୍ଡିଆ ହେବ । ତେଣୁ ରାଗରେ ଯାହା ଇଚ୍ଛା ତାହା କରାଯାଇଥାଇପାରେ । ବରଂ ଜିଲ୍ଲାର ନାଁ ପଡୁ କିନ୍ତୁ ଏ ବିଜେଡ଼ି ବାଲାଙ୍କୁ ଷ୍ଟେଜ ନ ମିଳୁ ବୋଲି ଚିନ୍ତା କରି ପରବର୍ତ୍ତୀ ଦିନ ମଞ୍ଚରେ ଏଭଳି କାଣ୍ଡ କେହି କ୍ଷମତାରେ ଥିବା ଲୋକ ଭିଆଇଥାଇପାରେ । ତେଣୁ ଲୋକେ କୁହାକୁହି ହେଉଛନ୍ତି , ସ୍ୱାମୀ ପଛେ ମରୁ , ସଉତୁଣୀ .. । ସେପଟେ ପରେ ଯଦିଓ ଶାସକ ଦଳର ନେତା, ବିଧାୟକ ମାନେ ପେଚ ପକାଇ ଘଟଣାର ସମାଧାନ କରିଛନ୍ତି , କିନ୍ତୁ ଏଥର ଭଦ୍ରାୟଣୀ ଫିକା ପଡିଗଲା ବୋଲି ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ହେଲା । କେବଳ ସାଂସଦ ଅଭିମନ୍ୟୁ ସେଠୀଙ୍କ ପ୍ରତିକ୍ରିୟାଟି ବେଶ ଭାଇରାଲ ହେଲା ସିନା , ପ୍ରକୃତ ସତ୍ୟ ସାମ୍ନାକୁ ନ ଆସି ଲୁଚିଗଲା ବୋଲି ଲୋକେ କୁହାକୁହି ହେଉଛନ୍ତି । ସେପଟେ ଭଦ୍ରାୟଣୀରେ ଖର୍ଚ୍ଚ ହୋଇଥିବା ଟଙ୍କାକୁ ନେଇ ଏବେ ପୁଣି ବିବାଦ ମୁଣ୍ଡ ଟେକିଛି । ସୋସିଆଲ ମିଡିଆରେ ଖର୍ଚ୍ଚର ହିସାବ ଲୋକେ ମାଗୁଥିଲେ ବି କିଏ ଦେବ ଓ କେବେ ଦବ ତାହା କେବଳ ଦଇବଙ୍କୁ ହିଁ ଜଣା ବୋଲି ଚର୍ଚ୍ଚା ହେଉଛି । କାରଣ ବିଗତ ଦିନର ହିସାବ ଆରଟିଆଇରେ ପାଇବାକୁ ବର୍ଷେ ଲାଗିଥିଲା ।

ନାଗରିକ ପାଠଶାଳା napatube.in

ଆଲୋଚନା ଚକ୍ର

ପ୍ରତି ସପ୍ତାହରେ ପାଠଶାଳା ତରଫରୁ ଏକ ବୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଉଭୟ ଅନଲାଇନ ଓ ଅଫ ଲାଇନ ମୋଡରେ ଇଚ୍ଛୁକ ବ୍ୟକ୍ତି ବିଶେଷମାନେ ଯୋଗ ଦେଇପାରିବେ । ଏହା ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ସମାଧାନ ପାଇଁ ଶାସନ ଓ ପ୍ରଶାସନ ଉପରେ ଏକ ପ୍ରେସର ଗ୍ରୁପ ପରି କାର୍ଯ୍ୟ କରିବ । ତେଣୁ ଆମ ସହ ଯୋଡ଼ି ହେବାକୁ ଅନୁରୋଧ । ଅଧିକ ବିବରଣୀ ପାଇଁ ନିମ୍ନ ନମ୍ବରରେ କେବଳ WhatsApp ରେ ଯୋଗାଯୋଗ କରିପାରିବେ ।

ମୋ: 9937752574
ସମ୍ପାଦକ
ନାଗରିକ ପାଠଶାଳା

This Periodical is published by Ramesh Kumar Mallik from VTC. : BadabarchiKayan, P.O.: BadabarchiKayan, P.S.: Agarapada, Dist-Bhadrak, PIN-756135, Odisha, E-mail: mallikest@gmail.com, npathashala@gmail.com , Phone: 06784-357135, Mobile: 9937752574 on behalf of Ramesh Kumar Mallik, edited by Ramesh Kumar Mallik and Printed by Prasanta Kumar Pothal at OMM Printers, Plot No-6709, Near Radhakrushna Temple, Mancheswar Industrial Estate, Bhubaneswar, PIN-751010

ସମ୍ପାଦକ : ରମେଶ କୁମାର ମଲ୍ଲିକ
Editor: Ramesh Kumar Mallik